# ବରୁଣେଶ୍ୱର ପୀଠର ମହିମା ସ୍ୱତନ୍ତ୍ର: ଅରୁଣ



## ବରୁଣେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ବିଞ୍ଝାରପୁର,୧୬।୧(ଡି.ଏନ୍.ଏ)

ଉତ୍କଳୀୟ ପରମ୍ପରାରେ ଶୈବ କ୍ଷେତ୍ରଗୁଡ଼ିକ ବହୁ ଗୁରୁତ୍ୱ ବହନ କରିଥାନ୍ତି। ଓଡ଼ିଶାର ବିଭିନ୍ନ ଶୈବକ୍ଷେତ୍ର ମଧ୍ୟରୁ ବିଞ୍ଝାରପୁର ବ୍ଳକର ଅରେଇସ୍ଥିତ ବାବା ବରୁଣେଶ୍ୱରଙ୍କ ପୀଠର ସ୍ୱତନ୍ତ୍ର ମହିମା ରହିଛି। ଏହି ମାଟି ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ପାଇଁ ଅମୃତ ସଦୃଶ। ଏହି ପୀଠର ମହିମା ବିଭିନ୍ନ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି ବୋଲି ଗୁରୁବାର ବରୁଣେଶ୍ୱର ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ନବମ ବରୁଣେଶ୍ୱର ମହୋତ୍ସବ ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ ବିଞ୍ଝାରପୁର ବିଧାୟିକା ତଥା ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ବିଞ୍ଝାରପୁର ମାଟିର ବରୁଣେଶ୍ୱରଙ୍କ ମେଳା ଓ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଉପାଧ୍ୟକ୍ଷା କୁମୁଦିନୀ ଦାସ, ବିଡିଓ ମିନତୀ ଜଗଦେବ, ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମିଶ୍ର, ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ବରୁଣେଶ୍ୱର ଉନ୍ନୟନ ପରିଷଦ ସଭାପତି ହେମେନ୍ଦ୍ର ସାମଲ, ସମ୍ପାଦକ ପ୍ରଫୁଲ୍ଲ ନାୟକ, ଲାଏକ ଅଲ୍ଲି ଖାଁ, ସ୍ୱର୍ଣ୍ଣଲତା ସାମଲ, ଶାସନ୍ଦା ସରପଞ୍ଚ ରଶ୍ମୀରେଖା ନାୟକ, ଟିକଣା ସରପଞ୍ଚ ଧ୍ରୁବ ଚରଣ ସେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭାରେ ପରିବେଶବିତ୍ ତଥା ବରିଷ୍ଠ ସାମାଜିକକର୍ମୀ ରବୀନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଅଭିଲିପ୍ସା ସାମଲ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବରୁଣେଶ୍ୱର ମହୋତ୍ସବ କମିଟି ପକ୍ଷରୁ ମନ୍ତ୍ରୀ ସାହୁ, ବିଧାୟିକା ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ ପ୍ରମୁଖଙ୍କୁ ଉତ୍ତରୀୟ ଓ ବରୁଣେଶ୍ୱରଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବରୁଣେଶ୍ୱର ୟୁଥ ଫୋରମ ପକ୍ଷରୁ ପ୍ରସ୍ତୁତ ବରୁଣ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଯାଜପୁର ଜିଲ୍ଲାପାଳ ରଂଜନ କୁମାର ଦାସଙ୍କ ରଚିତ ବରୁଣେଶ୍ୱର ଭଜନ କ୍ୟାସେଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଶିଙ୍ଘିବାଜା, ସମ୍ବଲପୁରୀ ନୃତ୍ୟ ଓ ଭୁବନେଶ୍ୱରର ନାମିଦାମୀ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା।

## ପ୍ରମିଳାଙ୍କ ରୁଦ୍ରାଭିଷେକ



ବରୁଣେଶ୍ୱର ପୀଠରେ ରୁଦ୍ରାଭିଷେକ କରିବା ଭାଗ୍ୟରେ ଥିଲେ ମିଳେ ବୋଲି ଶ୍ରଦ୍ଧାଳୁ ମାନେ ମତ ଦିଅନ୍ତି । ମକର ସଂକ୍ରାନ୍ତି ଅବସରରେ ହେଉଥିବା ଏହି ମେଳାରେ ୭ଦିନ ବ୍ୟାପି ରୁଦ୍ରାଭିଷେକ ହୋଇଥାଏ। ଏହି ସମୟରେ ବାବା ବରୁଣେଶ୍ୱରଙ୍କ ବଡ଼ସିଂହାର ବେଶ ମଧ୍ୟ ହୋଇଥାଏ। ବାବା ବରୁଣେଶ୍ୱରଙ୍କୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ପ୍ରତି ବର୍ଷ ଭଳି ମେଳାର ଦ୍ୱିତୀୟ ଦିନରେ ବିଧାୟିକା ତଥା ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ରୁଦ୍ରାଭିଷେକ କରିଥିଲେ। ବିଧାୟିକାଙ୍କ ରୁଦ୍ରାଭିଷେକରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ବିଜେଡି କର୍ମୀ ଉପସ୍ଥିତ ହୋଇ ପ୍ରମିଳାଙ୍କୁ ଉତ୍ସାହିତ କରିଥିଲେ ମେଳାର ତୃତୀୟ ଦିନରେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ରୁଦ୍ରାଭିଷେକ କରିବେ ବୋଲି ସୂଚନା ମିଳିଛି।

## ନାମ ମନ୍ଦିରର ସାମାଜିକ ସଚେତନତା ସନ୍ଦେଶ

ବାବା ବରୁଣେଶ୍ୱର ପୀଠର ଠିକ୍ ଉତ୍ତରରେ ରହିଛି ନାମ ମନ୍ଦିର। ଏହି ନାମ ମନ୍ଦିରରେ ବର୍ଷସାରା ଅହୋରାତ୍ର ହରି ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥାଏ। ଶୈବପୀଠରେ ଗୋଟିଏ ପଟରେ ହର ହର ମହାଦେବର ସ୍ୱର ଅନ୍ୟ ପଟରେ ହରିନାମର ଗୁଞ୍ଜରଣ ମେଳାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ପ୍ରତିବର୍ଷ ଭଳି ଏଥର ମଧ୍ୟ ନାମମନ୍ଦିର ପକ୍ଷରୁ ସାମାଜିକ ସନ୍ଦେଶ ପାଇଁ ବାରୁଆଳି ନିର୍ମାଣ ହୋଇଛି। ପୌରାଣିକ ଆଧାରିତ ଓ ସାମାଜିକ ହିତରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ହରି ନାମ ହିଁ ସବୁ କ୍ଲେଶ ଦୂର କରିପାରିବ ବୋଲି ବାରୁଆଳି ମାଧ୍ୟମରେ ସମାଜିକ ସଚେତନତା ସନ୍ଦେଶ ଦିଆଯାଇଛି।



## ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଆଜି ବରୁଣେଶ୍ୱର ମେଳାର ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟ ଶିକ୍ଷା ଓ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ କର କମଳରେ ପଲ୍ଲୀଶ୍ରୀ ମେଳାର ଶୁଭ ଉଦ୍‌ଘାଟିତ ହୋଇଛି। ଏହି ମେଳାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ନିଜ ନିଜର କୁଟିର ଶିଳ୍ପର ପସରା ମେଲାଇଛନ୍ତି। ସାଧାରଣରେ କୁଟିର ଶିଳ୍ପ ସାମଗ୍ରୀର ଚାହିଦା ଦିନ ଦିନକୁ ବଢୁଥିବାବେଳେ ମେଳା ପଡ଼ିଆରେ ଏହି ଷ୍ଟଲ ଅତି ଗୁରୁତ୍ୱ ବହନ କରିଥାଏ। ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ୩୦ଟି ଷ୍ଟଲ୍‌ରେ ବିଭିନ୍ନ ହସ୍ତକର୍ମ ସାମଗ୍ରୀ ଉପଲବ୍ଧ ହୋଇଛି। ଏହି ଉଦ୍‌ଘାଟନ ସମୟରେ ବିଧାୟିକା ତଥା ସରକାରୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ବିଡିଓ ମିନତୀ ଜଗଦେବ,ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷ କୁମୁଦୁନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଖିଳଚକ୍ର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ



ଅଖିଳଚକ୍ର ଓଡ଼ିଶା ଆନୁକୂଲ୍ୟରେ ବରୁଣେଶ୍ୱର ପୀଠରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସ୍ଥାନୀୟ ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ପର୍ବରେ ଗାଳ୍ପିକ ରବି ପଣ୍ଡା, ଚଳଚ୍ଚିତ୍ର ଅଭିନେତା ରବି ମିଶ୍ର, ଓ ନିଉଜ-୭ର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ରାଜ୍ୟସ୍ତରୀୟ ଅଖିଳଚକ୍ର ମକର ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଅଖିଳଚକ୍ର ପକ୍ଷରୁ କବି ପିନାକୀ ସିଂଙ୍କୁ ରବୀନ୍ଦ୍ର ପାଢୀ କବିତା ସମ୍ମାନ, ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କୁ କପିଳଚରଣ ଜେନା ସଂଗ୍ରାମୀ ସମ୍ମାନ, କଣ୍ଠ ଶିଳ୍ପୀ କୁମାର ଦିଲ୍ଲିପଙ୍କୁ ନଟବର ନାୟକ କଳା ସମ୍ମାନ, ଶିକ୍ଷାବିତ ମନୋରଞ୍ଜନ ମହାନ୍ତିଙ୍କୁ ମୁରଲୀଧର ବଳିୟାର ସିଂ ସମ୍ମାନ, ବିଶିଷ୍ଟ ଖ୍ୟାତନାମା ସାମ୍ବାଦିକ ଚିତରଞ୍ଜନ ବେହେରାଙ୍କୁ ଆନନ୍ଦ ବିହାରୀ ବର୍ମ୍ମା ସମ୍ମାନ, ପ୍ରଜ୍ଞା ପ୍ରବର୍ତ୍ତିକା ଦାସଙ୍କୁ ଅକ୍ଷୟାରାଣୀ କବୟତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିଭା ଅନ୍ୱେଷଣରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜମୁଛି ମେଳା, ଲୋକାରଣ୍ୟ ହେଉଛି ପଡ଼ିଆ

ବିଞ୍ଝାରପୁର,୧୬।୧(ରାମକୃଷ୍ଣ ଦାସ)- ରାଜ୍ୟ ପ୍ରସିଦ୍ଧ ବରୁଣେଶ୍ୱର ମେଳାର ଗୁରୁବାର ଦ୍ୱିତୀୟ ଦିବସରେ ବାବାଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ବରୁଣେଶ୍ୱର ମେଳାକୁ ଆସୁଥିବା ଶ୍ରଦ୍ଧାଳୁ ଯାତ୍ରୀମାନେ ମେଳା ପଡିଆରେ ଦିଆଯାଇଥିବା ଷ୍ଟଲଗୁଡ଼ିକରେ ଭିଡ଼ ଜମାଇଥିବା ପରିଲକ୍ଷିତ ହୋଇଥିବାବେଳେ ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜକରି ଥିବା ଜଣାପଡିଛି। ମେଳା ବୁଲାବୁଲି ସହିତ ମନୋରଞ୍ଜନ ପାଇଁ ବରୁଣେଶ୍ୱର କ୍ଷେତ୍ର ବାହାର ଜିଲାର ଶ୍ରଦ୍ଧାଳୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରିଛି।

## ସଫେଇ ଅଭିଯାନରେ ଏନ୍‌ଏସ୍‌ଏସ୍, ଶ୍ରୀରାମ ସଂଗଠନ

ମେଳା ପଡ଼ିଆରେ ସଫେଇ କରିବାକୁ ମେଳାର ଦ୍ୱିତୀୟ ଦିବସ ଗୁରୁବାର ସକାଳେ ସ୍ଥାନୀୟ ବରୁଣେଶ୍ୱର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଓ ଶ୍ରୀରାମ ସଂଗଠନର ସଦସ୍ୟମାନେ ମେଳା ପଡିଆକୁ ସଫେଇ କରୁଥିବା ଦେଖିବାକୁ ମିଳିଥିଲା। ମେଳା ପଡିଆରେ ଏଣେତେଣେ ପଡ଼ି ରହିଥିବା ବର୍ଜ୍ୟବସ୍ତୁକୁ ସଫା କରାଯାଇଥିଲା।





ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।
**କାମଦେବ ଧଳ**
ସଭାପତି, ଯୁବ ବିଜୁ ଜନତା ଦଳ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ଦିବାକର ସାହୁ**
ମେସର୍ସ - ଗାଣେଶ ପ୍ରୋଟିନ, ଗୌଡ଼ସାହି, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ପ୍ରସନ୍ନ କୁମାର ରାଉତ**
ଶିକ୍ଷାବିତ ତଥା ସଭାପତି ଅଖିଳଚକ୍ର ସାହିତ୍ୟ ସାରସ୍ୱତ ସଂଗଠନ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ମନୋରଞ୍ଜନ ଧଳ**
ଶିକ୍ଷାବିତ, ଅରେଇ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।
**ପ୍ରଦ୍ୟୁମ୍ନ ନାୟକ**
ସମ୍ପାଦକ, ସିଡ, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଶିକ୍ଷାବିତ୍, ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।
**ଦେବାନନ୍ଦ ଧଳ**
ଅଧ୍ୟାପକ, ଇଂରାଜୀ ବିଭାଗ, ଆଞ୍ଚଳିକ ବଳଦେବଜୀଉ ମହିଳା ମହାବିଦ୍ୟାଳୟ, ଅଳକୁଣ୍ଡ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ରବୀନ୍ଦ୍ର କୁମାର ପରିଡ଼ା**
ସାମାଜିକ କର୍ମୀ, ମଇଁଦା, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ କଲ୍ୟାଣପୁର ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ଅମିୟ କୁମାର ସେଠୀ**
ବରିଷ୍ଠ କିରାଣି, ଆଞ୍ଚଳିକ ବଳଦେବଜୀଉ ମହିଳା ମହାବିଦ୍ୟାଳୟ, ଅଳକୁଣ୍ଡ, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ରୋମିଓ ରୋପନ ରାଉତ**
ଛାତ୍ରନେତା, ବିଜେଡି, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ଅରେଇ ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।
**ପ୍ରଫୁଲ ନାୟକ**
ସମ୍ପାଦକ, ବରୁଣେଶ୍ୱର ଉନ୍ନୟନ କମିଟି, ଅରେଇ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**କମଳ କୁମାର ଦାସ**
ସାମାଜିକ କର୍ମୀ, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହର୍ଦ୍ଦିକ ଅଭିନନ୍ଦନ।
**ସୁମାନସ ପଣ୍ଡା**
ବରିଷ୍ଠ ନେତା, ବିଜେଡି, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା।
**ଗଣିନାଥ ନାୟକ**
ବରିଷ୍ଠ ବିଜେଡିନେତା,ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।
**ପ୍ରଶାନ୍ତ କୁମାର ମିଶ୍ର**
ଅଧ୍ୟକ୍ଷ, ବି.ଆଇ.ଆଇ.ଆର. ମାଁସଡା, ବିଞ୍ଝାରପୁର


ପବିତ୍ର ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
**ସ୍ମୃତିରଞ୍ଜନ ସାହୁ**
ଯୁବନେତା, ବିଜେଡି, ଗୁହାଳୀ, ବିଞ୍ଝାରପୁର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ଜାନୁୟାରୀ, ୨୦୨୦



ଆକାଶ ମେଘାଚ୍ଛନ୍ନ ଥିଲେ ଯେପରି ସୂର୍ଯ୍ୟ ଦେଖାଯାନ୍ତି ନାହିଁ,
ମନରେ ଅହଂଭାବ ଥିଲେ ଈଶ୍ୱର ସେହିପରି ଦୂରେଇ ଯାଇଥାନ୍ତି।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଧର୍ମଶାଳା ବିଜେଡି ପକ୍ଷରୁ ପଞ୍ଚାୟତ ସଭାପତି ଚୟନ ନେଇ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୧୬।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସଭାପତି ଚୟନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରସ୍ତୁତି ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳ ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ପ୍ରତି ପଞ୍ଚାୟତରେ ୧୬ଜଣିଆ କମିଟି ଗଠନ କରିବା ସହ ସେମାନେ ସଭାପତି ଚୟନ କରିବା ବୋଲି ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତୁତି ବୈଠକରେ ମିଡିଆସେଲ ଅଧ୍ୟକ୍ଷ ସଂଗ୍ରାମ ଜେନା, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ବ୍ଲକ ସଭାପତି ନିରଞ୍ଜନ ବଳ, ମହିଳା ନିର୍ବାଚନ ମଣ୍ଡଳୀ ସଭାପତି ମିନତି ପଣ୍ଡା, ରେଣୁବାଳା ଶତପଥୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଉତ୍କଳ ଦାସ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଶରତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଓଚିନ୍ଦାର ଗଣପର୍ବ ହରିହାଟ ମେଳା ଆରମ୍ଭ

**କୋରେଇ,୧୬।୧(ସ୍ୱ.ପ୍ର): ପବିତ୍ର** ମକର ସଂକ୍ରାନ୍ତି ଉପଲକ୍ଷେ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମରେ ବହୁ ପୁରାତନ ହରିହାଟ ମେଳା ବା ଓଚିନ୍ଦାର ଗଣପର୍ବ ଗୁରୁବାରଠାରୁ ଆରମ୍ଭ ହୋଇଛି। ମକର ସଂକ୍ରାନ୍ତିରେ ଠାକୁରମାନେ ହରିହାଟସ୍ଥଳରେ ପହଞ୍ଚିବା ପରେ ମଙ୍ଗଳବାର ସକାଳୁ କଳସ ବୁଡ଼ା, ଗୀତା ଯଜ୍ଞ, ସମୂହ ଭାଗବତ ପାଠ, ନାମଯଜ୍ଞ ଓ ଯଜ୍ଞ ଆରମ୍ଭ ହୋଇଛି। ଏହି ହରିହାଟ ଏକ ସପ୍ତାହବ୍ୟାପୀ ପାଳନ ହେବ। ଏହି ଗଣପର୍ବ ପାଇଁ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ଜମିଛି। ହରିହାଟ ପାଇଁ ଗ୍ରାମରେ ସମ୍ପୂର୍ଣ୍ଣ ଆମିଷ ନିଷେଧ ହୋଇଛି। ଏହି ଯଜ୍ଞ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ପାଲା, ଭଜନ ସନ୍ଧ୍ୟା, ପ୍ରବଚନ ପରେ ଗ୍ରାମ ଯୁବକଙ୍କ ପକ୍ଷରୁ ମୁକ୍ତାକାଶ ନାଟକ ମଞ୍ଚସ୍ଥ କରାଯିବା ସହ ଶେଷ ଦୁଇ ଦିନ ଅପେରା କାର୍ଯ୍ୟକ୍ରମ ମଧ ରହିଛି।

### ଗାଡ଼ିରୁ ତେଲ ଚୋରି, ଯୁବକ କୋର୍ଟଚାଲାଣ

**କୋରେଇ,୧୬।୧(ସ୍ୱ.ପ୍ର):** ପାଣିକୋଇଲି ଥାନା ରାଜପଥ କଡ଼ରେ ରହୁଥିବା ଟ୍ରକରୁ ନିୟମିତ ତେଲ ଚୋରି ହେଉଛି। ପଦ୍ମାବତୀ ଟ୍ରାନ୍ସପୋର୍ଟ ଟ୍ରକରୁ ତେଲ ଚୋରି ହେବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ.୨/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏହି ମାମଲାରେ ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମର ନୃସିଂହ ମଳିକଙ୍କ ପୁଅ ସତ୍ୟବ୍ରତ ଓରଫ ସତ୍ୟପ୍ରକାଶ ମଳିକ(୨୦)ଙ୍କୁ ପୋଲିସ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସାଇକେଲରେ ସଦ୍‌ଭାବନା ଯାତ୍ରା

**ବିଞ୍ଝାରପୁର,୧୬।୧(ଡି.ଏନ୍.ଏ)**



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ସାଇକେଲ ଯାତ୍ରାରେ ବାହାରିଛନ୍ତି।

ବିରଜା କ୍ଷେତ୍ରରୁ ବରୁଣେଶ୍ୱର କ୍ଷେତ୍ରକୁ ଦୀର୍ଘ ୧୫ କି.ମି. ସାଇକେଲ ଯାତ୍ରାରେ ଆସି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଆରକ୍ଷୀ ଅଧିକ୍ଷକ ଚରଣ ସିଂହ ମୀନା ପରିବେଶ ସୁରକ୍ଷା, ସୁସ୍ଥ ଶରୀର, ସ୍ୱଚ୍ଛ ଭାରତ, ଭାଇଚାରା ଓ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ଗୁରୁବାର ସକାଳୁ ଘନ କୁହୁଡ଼ିରେ ରାସ୍ତା ଘାଟ ଦେଖାଯାଉ ନ ଥିବାବେଳେ ଯାଜପୁର ଜିଲାପାଳ ଦାସ, ଏସ୍‌ପି ଚରଣ ସିଂହ ମୀନା, ଏଡିଏମ୍‌ଓ ମିହିର ପ୍ରସାଦ ମହାନ୍ତି, କଳିଙ୍ଗନଗର ଏଡିଏମ୍‌ଓ ସନ୍ତୋଷ କୁମାର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଉପଜିଲାପାଳ ନାରଣଚନ୍ଦ୍ର ଧଳ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡିପିଓ ଅଶୋକ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ, ଯାଜପୁର ପୌରପାଳ ଭବ ରଞ୍ଜନ ଦାସ ପ୍ରମୁଖ ସାଇକେଲରେ ବରୁଣେଶ୍ୱର ପୀଠରେ ପହଞ୍ଚିଥିଲେ। ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ବିଡିଓ ମିନତୀ ଜଗଦେବ, ସରପଞ୍ଚ ଦେବାନନ୍ଦ ମଲ୍ଲିକ, ପରିବେଶବିତ୍ ରବୀନ୍ଦ୍ର କୁମାର ପରିଡ଼ା, କାମଦେବ ଧଳ, ହେମେନ୍ଦ୍ର ସାମଲ, ରଞ୍ଜନ ଧଳ ପ୍ରମୁଖ ସାଇକେଲଯାତ୍ରାରେ ଆସିଥିବା ଜିଲା ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଜିଲାର ସମସ୍ତ ଅଞ୍ଚଳର ସାମଗ୍ରିକ ବିକାଶରେ ଜିଲାର ବିକାଶ ବୋଲି ଜିଲାପାଳ ଦାସ ପ୍ରକାଶ କରିବା ସହିତ ବରୁଣେଶ୍ୱରଙ୍କ ପୁରାଣ କଥାବସ୍ତୁ ଉପରେ ଆଲୋକପାତ କରିଥିଲେ।

# ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡୁବୁରୀ,୧୬।୧(ଡିଏନଏ)**

ଝୁମ୍ପାଣ ମକର ମେଳାକୁ ଆସି ବୁଧବାର ନିଖୋଜ ହୋଇଯାଇଥିବା ଜଣେ ଯୁବତୀଙ୍କର ଗୁରୁବାର ଡୁବୁରୀ କମାରଶାଳିଆ ଜଙ୍ଗଲର ଏକ ପଳାଶ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି କଳିଙ୍ଗନଗର ପୋଲିସ। ମୃତ ଯୁବତୀ ସୁକିନ୍ଦା ଥାନା ପଣସପାଳ ଗାଁର ମଙ୍ଗଳ ଜାରିକାଙ୍କ ଝିଅ ପାଲ (୧୮) ବୋଲି ଜଣାପଡିଛି। ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ଆଲୋଚନା ହେଉଛି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ନିକଟରୁ ଏକ ପୁରୁଷ ଲୋକର ଜ୍ୟାକେଟ ପୋଲିସ ଜବତ କରିଥିବାରୁ ଏହା ବଳାତ୍କାର ଘଟଣା ବୋଲି ସନ୍ଦେହ କରାଯାଉଛି। ପ୍ରକାଶ ଯେ, ପାଲ ବୁଧବାର ଅପରାହ୍ନରେ ମକର ଉତ୍ସବ ଦେଖିବାକୁ ଝୁମ୍ପାଣ ଆସି ଫେରି ନ ଥିଲେ। ରାତିସାରା ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ

**ମକର ମେଳା ବୁଲିବାକୁ ଯାଇ ହୋଇଯାଇଥିଲେ ନିଖୋଜ**

ପାଇ ନ ଥିଲେ। ଗୁରୁବାର ସକାଳେ ଏନେଇ ଅଭିଯୋଗ କରିବାକୁ ପରିବାର ଲୋକେ ଥାନାକୁ ଯାଉଥିବାବେଳେ କମାରଶାଳିଆ ପଳାଶ ଜଙ୍ଗଲରେ ଜଣେ ଯୁବତୀ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। କେତେଜଣ ଛେଳି ଚରାଳିଙ୍କଠାରୁ ଏହା ଜଣାପଡ଼ିବା ପରେ ପୋଲିସ ଉପସ୍ଥିତିରେ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ସନ୍ଧ୍ୟା ସୁଦ୍ଧା ପରିବାର ଲୋକଙ୍କ ପକ୍ଷରୁ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାଯାଇଛି।

# ‘ଘରୁ ବାହାରିବାବେଳେ ଚାଳକ ନିଜେ ସଚେତନ ହୁଅନ୍ତୁ’

**ଚଣ୍ଡିଖୋଲ,୧୬।୧(ଡି.ଏନ.ଏ)**



ଚଣ୍ଡିଖୋଲଠାରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଭାରେ ମଞ୍ଚାସୀନ ଅତିଥି।

ମଣିଷ ଜୀବନ ସବୁଠାରୁ ମୂଲ୍ୟବାନ। ତାଠାରୁ ସରକାରଙ୍କ ଜରିମାନା ଅଧିକ ନୁହେଁ। ଦୈନିକ ୪ଶହ ଲୋକ ଭାରତ ବର୍ଷରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଯଦି ସଡ଼କ ସୁରକ୍ଷାର ନିୟମକୁ ମାନିବେ ତେବେ ଗୋଟିଏ ବି ଦୁର୍ଘଟଣା ଘଟିବ ନାହିଁ। ସେଥିପାଇଁ ପ୍ରତ୍ୟେକ ପରିବାରର ସଦସ୍ୟ ଘରୁ ବାହାରିବାବେଳେ ନିଜେ ସଚେତନ ହୋଇ ବାହାରିବା ଉଚିତ। ଯଦି ପ୍ରତ୍ୟେକ ଚାଳକ ନିଜେ ସଚେତନ ହେବେ କୌଣସି ସଚେତନତାର ଆବଶ୍ୟକ ପଡ଼ିବ ନାହିଁ ବୋଲି ଯାଜପୁର ଏସପି ଚରଣ ସିଂ ମିନା ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଚଣ୍ଡିଖୋଲ ଟ୍ରାଫିକ ଥାନା ପୋଲିସ ପକ୍ଷରୁ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଟ୍ରାଫିକ ଥାନାଧିକାରୀ ବିଜୟିନୀ ମଲ୍ଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଏସପି ମିନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲ ମୋହନ ସେଠୀ ଯୋଗଦେଇ ପ୍ରତ୍ୟେକ ପିଲା ପରିବାରର ସଦସ୍ୟଙ୍କୁ ଏ ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମୁଦ୍ର ବୁଢ଼ାଳି ସବିର ବକ୍ସ, ଗଡ଼ମଧୁପୁର ରାଣୀ ଅପର୍ଣ୍ଣା ଧିର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଅନୀଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଫରେଷ୍ଟର ଶଶିକାନ୍ତ ବେହେରା। ସଚେତନତା କାର୍ଯ୍ୟକ୍ରମରେ ହୋଲିଜେସସ ପବ୍ଲିକ ସ୍କୁଲ, ସାଇ ଜାଭିୟର ସ୍କୁଲ ଦର୍ପଣୀଗଡ଼, ମଝିପଡ଼ା ହାଇସ୍କୁଲ, ସିଦ୍ଧେଶ୍ୱର ବିଦ୍ୟାପୀଠ ବାତୋ, ଛତିଆସ୍ଥିତ ଡ୍ରାଇଭିଙ୍ଗ ଟ୍ରେନିଂ ସେଣ୍ଟରର ଛାତ୍ରୀଛାତ୍ର, ଚଣ୍ଡିଖୋଲ ଟ୍ରାଫିକ ପୋଲିସ କର୍ମଚାରୀ, ଅଗ୍ନିଶମ ସେବା କର୍ମଚାରୀ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଚଣ୍ଡିଖୋଲ ଛକ ପରିକ୍ରମା କରି ସଚେତନତା ସଭାରେ ଯୋଗ ଦେଇଥିଲେ। ସଭାରେ ରଜନୀକାନ୍ତ ପୃଷ୍ଟିଙ୍କ ଦ୍ୱାରା ପାଲା ପରିବେଷଣ, ଅନୀଲ କୁମାର ଦାସଙ୍କ ନିର୍ଦ୍ଦେଶନାରେ ନାଟକ ‘ହେଲମେଟ ପିନ୍ଧିବାକୁ ମନାକଲ କାହିଁ, ସକାଳ ସିନ୍ଦୁର ସଞ୍ଜକୁ ନାହିଁ’ ସ୍ୱପ୍ନଳା ଦାସଙ୍କ ସଡ଼କ ସୁରକ୍ଷା ସମ୍ପର୍କିତ ନାଟକ ଆଦି ପରିବେଷଣ ହୋଇଥିଲା।

### ଚୋରା ଚାଲାଣବେଳେ ୧୦୦୦ ଲିଟର ସ୍ପିରିଟ ଜବତ

**କୋରେଇ/ କଳିଙ୍ଗନଗର, ୧୬।୧ (ସ୍ୱ.ପ୍ର/ଡିଏନଏ)**

ପାଣିକୋଇଲି ବଜାରରୁ ମଦ ତିଆରିରେ ବ୍ୟବହୃତ ହେଉଥିବା ହଜାରେ ଲିଟର ସ୍ପିରିଟ ଚୋରା ଚାଲାଣ ହେଉଥିଲା। ଖବର ପାଇ ଡୋଳିପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇ ଏକ ହଜାର ଲିଟର ସ୍ପିରିଟ ଜବତ କରାଯାଇଛି। ପାଣିକୋଇଲି ବଜାରର ଏକ ଦୋକାନରେ ଏହା ବିକ୍ରି ଓ ଚାଲାଣ କରାଯାଉଥିବାବେଳେ ତାର ଟେର କେହି ପାଉ ନ ଥିଲେ। ବିଶେଷସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ୧୦୦୦ ଲିଟର ସ୍ପିରିଟ ଜବତ କରିବା ସହ ବ୍ୟବସାୟୀ ନମର୍ଚ୍ଚିରି ଗ୍ରାମର ନୀଳମଣି ଆଏଚଙ୍କୁ ଗିରଫ କରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଇନ୍ସପେକ୍ଟର ଜଗଦିଶ ଚନ୍ଦ୍ର ସାମଲ, ତଦନ୍ତାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଏଏସଆଇ ଗଖେନ୍ଦ୍ର ପରିଡା ପ୍ରଦୋଶ କୁମାର ପରିଡା, କନେଷ୍ଟବଲ କିଶୋର ରାଉତ, ପୂର୍ଣ୍ଣଜିତ ମହାପାତ୍ର, ବସନ୍ତ ମଲ୍ଲିକ, ଶୁଭସ୍ମିତା ପ୍ରଧାନ, ଅର୍ଚ୍ଚନାବାଳ ନାୟକ, ଜୟ ପ୍ରକାଶ ବେହେର, ରାଜେଶ କୁମାର କିଶାନ ପ୍ରମୁଖ ସାମିଲ ହୋଇଥିଲେ।

# ନେହେରୁ ଷ୍ଟାଡିୟମ ଚାମ୍ପିୟନ



ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ରସୁଲପୁର,୧୬।୧(ଡି.ଏନ୍.ଏ.)**

**୧୪ତମ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ**

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ହାଇସ୍କୁଲ ଖେଳ ପଡିଆରେ ଇଏସ୍‌ପିଏନ୍ ଓ ପ୍ରଗତି କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ୧୪ତମ ଭଲିବଲ ଟୁର୍ଣ୍ଣାମେଣ୍ଟରେ ନେହେରୁ ଷ୍ଟାଡିୟମ, ଭଦ୍ରକ ଚଳିତବର୍ଷର ଚାମ୍ପିୟନ ଆଖ୍ୟା ଲାଭ କରିଛି। ନେହେରୁ ଷ୍ଟାଡିୟମ ପ୍ରତିପକ୍ଷ ଯୋଡ଼ାର ତ୍ରିବେଣୀ ଆର୍ଥ ମୁଭର୍ସକୁ ପରାସ୍ତ କରି ସଫଳତା ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। ୩ସେଟ୍ ବିଶିଷ୍ଟ ଫାଇନାଲ ମ୍ୟାଚରେ ପ୍ରଥମ ଦୁଇଟି ସେଟ୍ ୧-୧ରେ ବରାବର ରହିଥିଲା। ଶେଷ ସେଟ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଏହି ସେଟ୍‌ରେ ନେହେରୁ ଷ୍ଟାଡିୟମ ୧୫-୧୪ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଟ୍ରଫି ଉନ୍ମୋଚନ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳର ଖେଳାଳିଙ୍କ ସହ ଭାବ ବିନିମୟ କରିବା ସହ ଖେଳକୁ ଉପଭୋଗ କରିଥିଲେ। ଅଧ୍ୟାପକ ଶିର୍ଦ୍ଧାର୍ଥ ଶଙ୍କର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି, ନରୋତ୍ତମ ସାହୁ, କ୍ରୀଡାବିତ୍ ସରୋଜ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ପୂଜା କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର, କାହ୍ନା କୁମାର, ଅଭ୍ରାଂଶୁ ମହାନ୍ତି, ଯତିନ୍ଦ୍ର ଜେନା, ଅମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ ଅଭିଭାବକ

**ରସୁଲପୁର,୧୬।୧(ଡି.ଏନ୍.ଏ.)**

**ଏସ୍‌ଏମ୍‌ସି ଗଠନରେ ଅନିୟମିତତା ଅଭିଯୋଗ**

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି(ଏସ୍‌ଏମ୍‌ସି) ଗଠନରେ ଅନିୟମିତତାକୁ ବିରୋଧ କରି ଗୁରୁବାର ଅଭିଭାବକମାନେ ବ୍ଲକ ସମ୍ମୁଖରେ ଅନଶନରେ ବସିଥିଲେ। ତେବେ ଆସନ୍ତା ମାସ ୫ ତାରିଖ ସୁଦ୍ଧା ଅଭିଭାବକ ସଂଘର ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରିବା ସହ ତଦନ୍ତ ନ ସରିବା ପର୍ଯ୍ୟନ୍ତ କମିଟି ପକ୍ଷରୁ କୌଣସି ଗଠନମୂଳକ ନିଷ୍ପତି ନିଆଯାଇପାରିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହାର ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ୨୦୧୯ ଡିସେମ୍ବରରେ ବିଦ୍ୟାଳୟ ପରିଚାଳନା ଗଠନ ହୋଇଥିଲା। ଏହି କମିଟି ଗଠନରେ ଚଞ୍ଚକତା କରାଯାଇଥିଲା। ନିୟମାନୁଯାୟୀ କମିଟି ଗଠନ କରାଯାଇ ନାହିଁ ବୋଲି ଅଭିଯୋଗ କରି କେତେକ ଅଭିଭାବକ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ବିଡିଓ ବ୍ଲକ ଶିକ୍ଷାଧିକରୀ ସାନ୍ତନୁ କୁମାର କରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଇଓ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ ଏବଂ ମାସାଧିକକାଳ ବିତିଯାଇଥିଲେ ମଧ ତଦନ୍ତ କରାଯାଇ ନ ଥିଲା। ଏହାକୁ ବିରୋଧ କରି ଅଭିଭାବକମାନେ ଗୁରୁବାରଠାରୁ ବିଦ୍ୟାଳୟ ଫାଟକ ସମ୍ମୁଖରେ ଅନଶନରେ ବସିଥିଲେ। ଏ ସମ୍ପର୍କରେ ଖବର ପାଇ ରସୁଲପୁର ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ବ୍ଲକ ଶିକ୍ଷାଧିକାରୀ କର ଆସି ଘଟଣାସ୍ଥଳରେ ପହଞ୍ଚି ଅନଶନରତ ଅଭିଭାବକ ଦେବବ୍ରତ ସାହୁ, ଗଣେଶ୍ୱର ସାହୁ, ବିଜୟ ମଲିକ, ମମତା ରଣା, ରଞ୍ଜିତ ସାହୁ, ପ୍ରଦୀପ ନାୟକ, ପ୍ରକାଶ ବଳ, ଦୋଳଗୋବିନ୍ଦ ମଲିକ, ସୁଶାନ୍ତ ସାହୁ ପ୍ରମୁଖଙ୍କ ସହ ଆଲୋଚନା କରି ମାମଲାକୁ ଗୁରୁତର ସହ ନେବାକୁ ବିଡିଓ ବ୍ଲକ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ପିଟିଏ ବୈଠକରେ ଶିକ୍ଷକଙ୍କୁ ଅଭିଭାବକଙ୍କ ଗାଳିଗୁଲଜ

**କଳିଙ୍ଗନଗର,୧୬।୧(ଡିଏନଏ)**

ଦାନଗଦୀ ଶିକ୍ଷା ମଣ୍ଡଳ ଅଧୀନ କର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପିଟିଏ (ଅଭିଭାବକ-ଶିକ୍ଷକ ସଂଗଠନ) ବୈଠକ ଅଧାରୁ ବନ୍ଦ ହେଇଯାଇଛି। ଜଣେ ଅଭିଭାବକ ଶିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଶିକ୍ଷକମାନେ ଦାନଗଦୀ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଅବଗତ କରିଛନ୍ତି।

ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କର୍ଣ୍ଣପୁର ବିଦ୍ୟାଳୟରେ ପିଟିଏ ବୈଠକ ଆରମ୍ଭ ହୋଇଥିଲା। ହେଲେ ରିଜୋଲ୍ୟୁଶନକୁ ନେଇ ହଠାତ ଜଣେ ଅଭିଭାବକ ଶିକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦେଖି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଭୟଭୀତ ହୋଇ ପଡ଼ିଥିଲେ। ପ୍ରତ୍ୟେକ ସ୍କୁଲରେ କିଛି ନା କିଛି ସମସ୍ୟା ରହିଥିବାବେଳେ ପିଟିଏ ବୈଠକରେ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶିକ୍ଷାଦାନ, ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥାଏ। କିନ୍ତୁ ଗୁରୁବାର କର୍ଣ୍ଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପୂର୍ତ୍ତି, ସହକାରୀ ଶିକ୍ଷକ କାଶୀନାଥ ପୃଷ୍ଟି, ଶିକ୍ଷକ ମଧୁସୂଦନ ମୁଣ୍ଡା, ଶିକ୍ଷୟିତ୍ରୀ ଦମୟନ୍ତୀ ନନ୍ଦଙ୍କ ସମେତ ଅଭିଭାବକଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ବୈଠକ ହୋଇଥିଲା। ଏଥିରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ହଠାତ ସମ୍ପୃକ୍ତ ଅଭିଭାବକ କୌଣସି କାରଣ ନ ଥାଇ ବୈଠକରେ ଶିକ୍ଷକଙ୍କୁ ନିର୍ଦ୍ଧୁମ ଗାଳିଗୁଲଜ କରିଥିଲେ। ମହିଳା ଅଭିଭାବକମାନେ ସମ୍ପୃକ୍ତ ଯୁବକଙ୍କୁ ବୁଝାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏହି ଘଟଣା ପରେ ଅଭିଭାବକମାନେ ବୈଠକ ସ୍ଥଳ ଛାଡି ପଳାଇଥିଲେ। ଅଭିଭାବକଙ୍କ ଏଭଳି କାଣ୍ଡ ଯୋଗୁ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକ କାଶୀନାଥ ପୃଷ୍ଟି ଶିକ୍ଷାଧିକାରୀ ବଳରାମ ନାୟକଙ୍କୁ ଅବଗତ କରିଛନ୍ତି।

# ଓଲିଉଡ୍ କଳାକାରଙ୍କ ସଙ୍ଗୀତ ପରିବେଷଣ

**ଯାଜପୁର ଟାଉନ,୧୬।୧(ଡିଏନଏ)**



ଅତିଥି ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି।

**ଯାଜପୁର ଜିଲା ମହୋତ୍ସବର ୨ୟ ସନ୍ଧ୍ୟା**

ଯାଜପୁର ବାଳାଶ୍ରମ ପଡ଼ିଆରେ ଜିଲା ମହୋତ୍ସବର ୨ୟ ସନ୍ଧ୍ୟାରେ ଜିଲାପାଳ ରଞ୍ଜନ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ୨ୟ ଦିବସକୁ ଉଦ୍‌ଘାଟନ କରିଛନ୍ତି। ଜିଲାପରିଷଦର ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଏହି ସନ୍ଧ୍ୟାରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଲିଉଡ୍ କଣ୍ଠଶିଳ୍ପୀ ଦିପ୍ତୀରେଖା, ତପୁ ମିଶ୍ର, ଶୈଳେନ୍ଦ୍ର, ସନ୍‌ମୀରା, ଆଶୁତୋଷ, ଶ୍ରେୟାନ୍ କୁମାର ଓ ଜେମ୍‌ସ ଙ୍କ ଦ୍ୱାରା ଓଡ଼ିଆ ଓ ହିନ୍ଦୀ ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ପଲ୍ଲିଶ୍ରୀ ମେଳା ସନ୍ଧ୍ୟାରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଷ୍ଟଲ ଖୋଲାଯାଇଛି। ବିଶେଷ କରି ବ୍ରହ୍ମପୁରର ବଡ଼ି, ଆଚାର ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସୋନ୍‌ପୁର ଓ ସମ୍ବଲପୁରର ମିଶନଶକ୍ତି ଦ୍ୱାରା ଶାଢ଼ୀ ଦୋକାନ ଖୋଲାଯାଇଛି। ଏହି ପଲ୍ଲିଶ୍ରୀ ମେଳାରେ ବେତରେ ନିର୍ମିତ ଚେୟାର, ସୋଫା ଓ ଅନ୍ୟାନ୍ୟ ଦ୍ରବ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଛି। ଏହି ପଲ୍ଲିଶ୍ରୀ ମେଳା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ମିଳିଛି।

# ଟ୍ୟାଙ୍କର ଚାଳକଙ୍କ ମୃତଦେହ ଉଦ୍ଧାର

**ଚଣ୍ଡିଖୋଲ,୧୬।୧(ଡି.ଏନ.ଏ)**

**ଲୁଟ ତୈଳ ବୋଝେଇ ଟ୍ୟାଙ୍କର ଅନୁଗୋଳରୁ ଉଦ୍ଧାର ହେବା ଘଟଣା**

ଲୁଟେରାମାନେ ଗତ ୧୪ତାରିଖ ରାତିରେ ଚଣ୍ଡିଖୋଲ ନିକଟସ୍ଥ ଶ୍ରୀରାମପୁର ଟୋଲଗେଟ ନିକଟରୁ ଓଡି୦୫ଏଏ ୮୪୭୨ ନମ୍ବର ବିଶିଷ୍ଟ ଏକ ତୈଳ ବୋଝେଇ ଟ୍ୟାଙ୍କରକୁ ଅପହରଣ କରିନେଇଥିଲେ। ଏହି ଟ୍ୟାଙ୍କରକୁ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ପୋଲିସ ଜବତ କରିବା ସହ ଟ୍ୟାଙ୍କର ଚୋରି ଅଭିଯୋଗରେ ଜଣଙ୍କୁ ଅଟକ ରଖିଥିଲା। ଅଟକ ଯୁବକଙ୍କ ସୂଚନା ଆଧାରରେ ଗୁରୁବାର ଯାଜପୁର ଜିଲା ଧର୍ମଶାଳା ଥାନା ଶ୍ରୀରାମପୁର ଟୋଲଗେଟ ନିକଟରୁ ଟ୍ୟାଙ୍କର ଚାଳକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଗାଡ଼ି ମାଲିକ ସୁଧାକର ପଲାଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୯/୨୦) ରୁଜୁ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଟ୍ୟାଙ୍କର ଚାଳକ କଟକ ଜିଲା ଜଗତପୁର ଥାନା ଭୁବନପୁର ଗ୍ରାମର ଜୟରାମ ବାରିକଙ୍କ ପୁଅ ବଳରାମ(୩୧) ହୋଇଥିବାବେଳେ ତଦନ୍ତ ବାଟବଣା ହେବା ଆଶଙ୍କାରେ ଅଟକ ଅଭିଯୁକ୍ତଙ୍କ ପରିଚୟ ପୋଲିସ ଦେବାକୁ ମନା କରିଦେଇଛି।

ସୂଚନା ଥାଉକି, ପାରାଦୀପ ତୈଳ ବିଶୋଧନାଗାରରୁ ଏକ ଟ୍ୟାଙ୍କର ଗତ ୧୪ ତାରିଖରେ ତେଲ ବୋଝେଇ କରି କଲିକତା ଅଭିମୁଖେ ଯାଉଥିଲା। ଚଣ୍ଡିଖୋଲ ଶ୍ରୀରାମପୁର ଟୋଲଗେଟ ନିକଟରେ ଚାଳକ ବଳରାମ ଗାଡ଼ି ରଖି ଶୋଇ ପଡ଼ିଥିଲେ। ସେଠାରେ ଲୁଟେରାମାନେ ଚାଳକଙ୍କୁ ହତ୍ୟା କରି ଟୋଲଗେଟ ନିକଟସ୍ଥ ଏକ ଜଳାଶୟ ଭିତରେ ଫୋପାଡ଼ି ଦେଇ ଟ୍ୟାଙ୍କରକୁ କଲିକତା ବଦଳରେ ଅନୁଗୋଳ ଅଭିମୁଖେ ନେଇ ଯାଇଥିଲେ। ଫଳରେ ଜିପିଏସ୍ ଲାଗିଥିବାରୁ ଗାଡ଼ି ମାଲିକ ବିପରୀତ ଦିଗରେ ଗାଡ଼ି ଯିବା ଦେଖି ସନ୍ଦେହ କରିଥିଲେ। ସେ ସଙ୍ଗେସଙ୍ଗେ ଡ୍ରାଇଭରଙ୍କୁ ଫୋନ କରିବା ପରେ କୌଣସି ଉତ୍ତର ନ ମିଳିବାରୁ ଅନୁଗୋଳ ପୋଲିସକୁ ଫୋନ କରି ଜଣାଇଥିଲେ। ଗାଡ଼ି ଦ୍ରୁତଗତିରେ ଯାଉଥିବାବେଳେ ଆଠମଲ୍ଲିକ ପୋଲିସ ପିଛା କରି ଗାଡ଼ିକୁ ଅଟକାଇ ଥିଲେ। ଏହି ସମୟରେ ଗାଡ଼ିରେ ଥିବା ଅନ୍ୟ ଲୁଟେରାମାନେ ଖସି ଯାଇଥିବାବେଳେ ଗାଡ଼ି ଚଳାଉଥିବା ଲୁଟେରା ଧରା ପଡ଼ିଥିଲେ। ସମ୍ପୃକ୍ତ ଲୁଟେରାଙ୍କୁ ପୋଲିସ ଜେରା କରିବା ପରେ ସେ ଡ୍ରାଇଭରଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଖବରପାଇ ଗାଡ଼ି ମାଲିକ ବୁଧବାର ଧର୍ମଶାଳା ଥାନାରେ ଏକ ଏତଲା ଦେଇଥିଲେ। ଧର୍ମଶାଳା ପୋଲିସ ଏତଲା ପାଇ ଏକ ମାମଲା ରୁଜୁ କରିବା ସହ ଖୋଜ ଖବର କରିବା ପରେ ଗୁରୁବାର ସକାଳେ ମୃତ ଡ୍ରାଇଭର ବଳରାମଙ୍କ ମୃତଦେହ ହାତଗୋଡ଼ ବନ୍ଧା ଅବସ୍ଥାରେ ଟୋଲଗେଟ ନିକଟସ୍ଥ ଏକ ଜଳାଶୟ ମଧ୍ୟରୁ ଉଦ୍ଧାର କରିଥିଲେ। ଉଦ୍ଧାର କରିବା ପରେ ମୃତ ଡ୍ରାଇଭରଙ୍କ ବାପା ଜୟରାମ ପୁଅର ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ ଆଠମଲ୍ଲିକରୁ ଗିରଫ ହୋଇଥିବା ଅଭିଯୁକ୍ତକୁ ଧର୍ମଶାଳା ପୋଲିସ ଗୁରୁବାର ସେଠାରୁ ଆଣିଥିବା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ଅଭିଯୋଗ: ଯୁବକ ଫେରାର

**ତିର୍ତ୍ତୋଲ, ୧୬।୧ (ଡି.ଏନ୍.ଏ.):** ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଯୁବକ ଜଣକ ପ୍ରତାରଣା କରିଥିବା ନେଇ ପୀଡ଼ିତା ଗୁରୁବାର ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ସେହି ଥାନା ଅଧୀନ ପୋତାନଇ ପଞ୍ଚାୟତ ବାଇଲୋ ଗ୍ରାମର ରାଜେଶ ସ୍ୱାଇଁ। ପୀଡ଼ିତା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ରାଜେଶ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅଭିଯୋଗ ଅନୁସାରେ, ରାଜେଶ ସମ୍ପୃକ୍ତା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ନାବାଳିକା ବାହାଘର ପାଇଁ ଜିଦ୍ ଧରିବାରୁ ରାଜେଶ ମନା କରିଦେଇଥିଲେ। ତେବେ ପୀଡ଼ିତା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଛି।

# ମିଶନ ଶକ୍ତି ଗୃହ ନିର୍ମାଣରେ ବିଳମ୍ବ

**ବାଲିଆ, ୧୬।୧**

ବିରିଡି ବ୍ଲକ ଅଞ୍ଚଳରେ ୨୩୪ଟି ପ୍ରକଳ୍ପ ନିର୍ମାଣ ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ମାତ୍ର ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବରୁ ଦେଢ଼ ବର୍ଷ ପରେ ବି କେତେକ ପ୍ରକଳ୍ପର ନିର୍ମାଣ ସରିପାରୁ ନ ଥିବା ବେଳେ ଅନ୍ୟ କେତେକର ନିର୍ମାଣ ଆରମ୍ଭ ହୋଇନି। ଏହି ଯୋଜନାରେ ୨୨ ମୌଜା ମଇନ୍ଦପୁର ଗ୍ରାମରେ ଶ୍ରୀମା ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। କିନ୍ତୁ ବ୍ଲକ ପ୍ରଶାସନ ଏଥିରେ ବିଳମ୍ବ କରୁଥିବାରୁ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାମାନେ ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇବେ ବୋଲି ଏସ୍‌ଏଚ୍‌ଜି ସଭାପତି ଭାରତୀ ଦାସ କହିଛନ୍ତି।

ସଭାପତି ଦାସଙ୍କ କହିବା ଅନୁସାରେ, ମିଶନ ଶକ୍ତି ଗୃହ ନିର୍ମାଣ



ଅଭିଯୋଗକାରିଣୀ ଭାରତୀ ଦାସ।

ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେତେବେଳେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନନ୍ଦଙ୍କ ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ ସେ ଗୃହ ପାଇଁ ଲେ-ଆଉଟ୍ ପ୍ରସ୍ତୁତ କରିଥିଲେ। ୨୦୧୮ ନଭେମ୍ବରରେ ତତ୍କାଳୀନ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଯନ୍ତ୍ରୀଙ୍କ କହିବା ଅନୁସାରେ, ଗୋଷ୍ଠୀ ସଦସ୍ୟାମାନେ ନିଅଁ ଖୋଳା କାର୍ଯ୍ୟ ସାରିବା ସହ ଘର ନିର୍ମାଣ ପାଇଁ ଆବଶ୍ୟକ ଇଟା, ବାଲି, ଗୋଡ଼ି, ସିମେଣ୍ଟ, ରଡ୍ ଆଦି କ୍ରୟ କରି ମହଜୁଦ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କନିଷ୍ଠ ଯନ୍ତ୍ରୀ ନନ୍ଦଙ୍କ ଦେହ

**ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବ**

■ **ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ଶ୍ରୀମା ଏସ୍‌ଏଚ୍‌ଜି ସଦସ୍ୟା**

ଅସୁସ୍ଥ ହେବା ଓ ୨୦୧୯ ସାଧାରଣ ନିର୍ବାଚନ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏହାପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗୋଷ୍ଠୀ ସଦସ୍ୟାମାନେ ବିଡିଓ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଜଣାଇଥିଲେ ବି ସେମାନେ ଜାଣିଶୁଣି ସମୟ ଗଡ଼ାଉଥିବା ସଭାପତି ଦାସ କହିଛନ୍ତି। ମାର୍ଚ୍ଚ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟାରମ୍ଭ ହୋଇ ନ ଥିବାରୁ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ସବୁ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବ୍ଲକ ପ୍ରଶାସନର ମିଶନ ଶକ୍ତି ଗୃହ ନିର୍ମାଣରେ ଏଭଳି ଅବହେଳା ଓ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ଚାହୁଁଥିବା ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏଥିରୁ ବାଦ୍ ଦେବାକୁ ମସୁଧା ଚାଲିଥିବା ଏସ୍‌ଏଚ୍‌ଜିର ଅନ୍ୟ ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୭ଦିନ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ସହ ଏହାର ସମ୍ପାଦନା ଦାୟିତ୍ୱ ଗୋଷ୍ଠୀ ସଦସ୍ୟାଙ୍କୁ ଦିଆ ନ ଗଲେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଡିଓ ଜୀବନଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଶ୍ରୀମା ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି। ମାତ୍ର ଉକ୍ତ କାର୍ଯ୍ୟ ସମ୍ପାଦନା ଦାୟିତ୍ୱ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଦିଆଯିବ କି ନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରି ନ ଥିଲେ।

# କାର୍ ଧକ୍କାରେ ସ୍କୁଟି ଚାଳକ ମୃତ

**ରଘୁନାଥପୁର/ ବିରିଡି, ୧୬। ୧ (ଡି.ଏନ.ଏ.):** କଟକ-ପାରାଦୀପ ରାସ୍ତା ବିରିଡି ଥାନା କଣ୍ଟଆରଠାରେ ଗୁରୁବାର ଏକ କାର ସ୍କୁଟିକୁ ଧକ୍କା ଦେଇଥିଲା। ଏଥିରେ ସ୍କୁଟି ଚାଳକ କିଶନନଗର ଥାନା ପ୍ରହରାଜପୁର ଗାଁର ବିଷ୍ଣୁ ଚରଣ ଦଉ(୬୧)ଙ୍କ ମୃତ୍ୟୁ ଘଟିଛି। ବିଷ୍ଣୁ ସ୍କୁଟି ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। କାର (ନଂ. ଓଡି ୦୨ ଏଜେ ୩୩୧୦) ତାଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ

**ରାସ୍ତାରୋକୋ**

ଗୁରୁତର ଅବସ୍ଥାରେ ପଡି ରହିଥିବା ବିଷ୍ଣୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ ବିରିଡି କି ରଘୁନାଥପୁର ପୋଲିସ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ କଟକ-ପାରାଦୀପ ରାସ୍ତାକୁ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଏପଟେ ଦୁର୍ଘଟଣା ଘଟାଇଥିବା କାରଟିକୁ ଚାଳକ ସହ ବସିଥିବା ଅନ୍ୟମାନେ କିଶନନଗର ଥାନା ଶିର୍ଲୋ ମହାନଦୀ ବନ୍ଧ ଉପରେ ଛାଡି ପଳାଇ ଯାଇଥିଲେ। ରାସ୍ତାରୋକୋ ସମ୍ପର୍କରେ ଖବରପାଇ ରଘୁନାଥପୁର ଆଇଆଇସି



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ବବିତା ଦଳାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଥାନାରେ ନଂ. ୩/୨୦ରେ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପାଇଁ ବ୍ୟବସ୍ଥା କରିଥିଲେ। ଅପରପକ୍ଷରେ ବିରିଡି ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାରଟିକୁ ନଦୀବନ୍ଧ ଉପରୁ ନିଜ ଅକ୍ତିଆରକୁ ନେଇଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

**ଏରସମା, ୧୬।୧ (ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟ-ମଣିଜଙ୍ଗା ରାସ୍ତାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବାଲିକୁଦା ଥାନା ଅଧୀନ ଇଚ୍ଛାପୁର ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ। ସେହି ଗ୍ରାମର ଉଲ୍ଲାସ ଓଝାଙ୍କୁ ଆହତ ଅବସ୍ଥାରେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜିତେନ୍ଦ୍ର ଓ ଉଲ୍ଲାସ ଏକ ବାଇକ୍‌ରେ ଏରସମା ବଜାର ଦେଇ ବାଲିକୁଦା ଯାଉଥିଲେ। ସେହି ସମୟରେ ମଣିଜଙ୍ଗା ଆଡୁ ଆସୁଥିବା ଏକ ଚାରିଚକିଆ ଯାନର ଚକ ଫାଟିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଜିତେନ୍ଦ୍ରଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜିତେନ୍ଦ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଉଲ୍ଲାସ ଚିକିତ୍ସାଧୀନ ଅଛନ୍ତି।

# ସଡ଼କ ସୁରକ୍ଷା ସଚେତନତା



ପୋଲିସ ଓ କମ୍ପାନୀ କର୍ମଚାରୀଙ୍କ ସଚେତନତା ଶୋଭାଯାତ୍ରା।

**ପାରାଦୀପ, ୧୬।୧ (ସ୍ୱ.ପ୍ର.)**

ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଅଭୟଚାନ୍ଦପୁର ଥାନା ପୋଲିସ ଓ ଏଲ୍‌ଆଣ୍ଡ୍‌ଟି କମ୍ପାନୀ ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଲ୍‌ଆଣ୍ଡ୍‌ଟି କମ୍ପାନୀ ମ୍ୟାନେଜର ଏନ୍. ରମନନ ଓ ଥାନାଧିକାରୀ ଯୁଗଳ କିଶୋର ଦାସଙ୍କ ତତ୍ତ୍ୱାବଧାନରେ ପାରାଦୀପ ତୈଳ ବିଶୋଧନାଗାରର ୧ନଂ. ଗେଟ୍‌ଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଏଲ୍‌ଆଣ୍ଡ୍‌ଟି ପ୍ରକଳ୍ପ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ସିଟ୍‌ବେଲ୍ଟ ଓ ହେଲ୍‌ମେଟ ବ୍ୟବହାର କରି ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କମ୍ପାନୀ କର୍ମଚାରୀ, ଶ୍ରମିକ ଓ ଅଭୟଚାନ୍ଦପୁର ଥାନା ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ।

# ସତ୍ୟର ଅନ୍ୟ ନାମ ସାମ୍ବାଦିକତା

**ଜଗତ୍‌ସିଂହପୁର ଅଫିସ୍, ୧୬।୧**

ସତ୍ୟର ଅନ୍ୟ ନାମ ସାମ୍ବାଦିକତା। ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ଅନୁକରଣ କରିବା ଉଚିତ ବୋଲି ଗୁରୁବାର ଏକବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଅତିଥି ଭାବେ ଯୋଗଦେଇ ପ୍ରାଧ୍ୟାପକ ଡ. ଅଜୟ କୁମାର ମିଶ୍ର କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଆୟୋଜିତ ଏହି ସାହିତ୍ୟ ଆସରର ପ୍ରସଙ୍ଗ ଥିଲା 'ସତ୍ୟର ପଥ ଓ ମହାତ୍ମା ଗାନ୍ଧୀ'। ଏହି ପ୍ରସଙ୍ଗରେ ଡ. ମିଶ୍ର ଏକଥା ମଧ୍ୟ କହିଥିଲେ, ଦେଶ ସ୍ୱାଧୀନ ପାଇଁ ଜଗତ୍‌ସିଂହପୁରର ଅଳକା ଆଶ୍ରମରେ ରଣନୀତି ପ୍ରସ୍ତୁତ କରାଯାଉଥିଲା। ଆଶ୍ରମରେ ବହୁ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମୀ ରହି ତାଲିମ ନେଉଥିଲେ। ଗାନ୍ଧି ଯେତେବେଳେ ଏହି ଆଶ୍ରମରେ ପାଦ ଥାପିଥିଲେ, ସେତେବେଳେ ବିପ୍ଳବୀମାନଙ୍କ ମନରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ




ଅତିଥିମାନେ 'ଆକାଂକ୍ଷିତ ସନ୍ଧ୍ୟାଟିଏ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

କରିଥିଲା। ସ୍ୱାଧୀନତା ଆନ୍ଦୋଳନରେ ଜଗତ୍‌ସିଂହପୁରର ଅବଦାନ ଅତୁଳନୀୟ। ରବି ନାରାୟଣ ଦାସ ମଧ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ନୀତି ଓ ଆଦର୍ଶ ଉପରେ ବର୍ଣ୍ଣନା କରିଥିଲେ। ସାହିତ୍ୟ ଆସର ଶହୀଦ ପ୍ରସନ୍ନ ସାହୁଙ୍କ ନାମରେ ଉତ୍ସର୍ଗୀକୃତ ହୋଇଥିଲା। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡ. ବାବାଜି ଚରଣ ପଟ୍ଟନାୟକ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ ଗୀତାରୁ ସତ୍ୟର ସନ୍ଧାନ ପାଇଥିଲେ ବୋଲି ଡ. ପଟ୍ଟନାୟକ କହିଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଗାନ୍ଧୀଙ୍କ ଚିନ୍ତା ଓ ଚେତନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୨୧ ବର୍ଷ ଧରି ଏହି ପୁସ୍ତକ ମେଳା ଚାଲିଥିବାରୁ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କର୍ମକର୍ତ୍ତାମାନଙ୍କୁ ସେ ସାଧୁବାଦ ଜଣାଇଥିଲେ। ଅଧ୍ୟାପକ ସୁଧୀର ମହାନ୍ତି ଅତିଥି ପରିଚୟ କରିବା ସହ ସ୍ୱାଗତ ଭାଷଣ ଓ ପ୍ରସନ୍ନ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ତୃପ୍ତି ରଞ୍ଜନ ଦାସଙ୍କ ଲିଖିତ ପୁସ୍ତକ 'ଆକାଂକ୍ଷିତ ସନ୍ଧ୍ୟାଟିଏ' ଉନ୍ମୋଚିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ସାହାଡ଼ାସୁନ୍ଦରୀ ଦେବୀଙ୍କ ବାର୍ଷିକୋତ୍ସବ

**ବିରିଡ଼ି(ଡି.ଏନ୍.ଏ.)/ବାଲିଆ, ୧୬।୧:** ବିରିଡି ବ୍ଲକ ବଡିମୀରା ପଞ୍ଚାୟତ ହଳଦିଆପଡ଼ା (ଅକରସାହି) ଗ୍ରାମସ୍ଥିତ ମା'ସାହାଡା ସୁନ୍ଦରୀ ଦେବୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସେବିକା ନିଶାମଣି ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସନ୍ଧ୍ୟାରେ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ କଣ୍ଠଶିଳ୍ପୀ ଉମାକାନ୍ତ ଭୋଇ ଓ କବି ଖଗେଶ୍ୱର ମହାରଣାଙ୍କ ସଞ୍ଚାଳନାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷା ଗିତାଞ୍ଜଳୀ ସାହୁ, ସ୍ତକବି ପୀତାମ୍ବର ମହାପାତ୍ର, ପ୍ରଶାନ୍ତ ଲେଙ୍କା, ଦେବରାଜ ମିଶ୍ର, ପ୍ରମୋଦ ସେଠୀ ଯୋଗଦେଇଥିଲେ।

# ବୃହତ୍ ବନ୍ଦର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ





ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ ଅତିଥି ଓ ପ୍ରତିଯୋଗୀମାନେ।

**ପାରାଦୀପ, ୧୬।୧ (ସ୍ୱ.ପ୍ର.):** ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଗୁରୁବାର ସର୍ବଭାରତୀୟ ବୃହତ୍ ବନ୍ଦର ଆଥ୍‌ଲେଟିକ୍ ମିଟ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅଲ୍ ଇଣ୍ଡିଆ ମେଜର ପୋର୍ଟ ସ୍ପୋର୍ଟ୍ସ କାଉନ୍‌ସିଲ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଛନ୍ତି। ଏଥିରେ ଭାରତର ୧୨ଟି ବୃହତ୍ ବନ୍ଦର ମଧ୍ୟରୁ ୮ଟି ବନ୍ଦରର ୨୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗିତାରେ ୧୨୫ ପ୍ରକାର ଖେଳ ହେବ, ଯାହାକୁ ଶହେରୁ ଊର୍ଦ୍ଧ୍ୱ ପ୍ରଶିକ୍ଷକ ପରିଚାଳନା କରିବେ। ଉଦ୍‌ଘାଟନୀ ଅବସରରେ ଖେଳ ପରିଚାଳନା କମିଟି ଅଧ୍ୟକ୍ଷ ଏସ୍.କେ. ମିଶ୍ର ଓ ଲେଡିଜ୍ କ୍ଲବ୍ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ବବ୍‌ଲୁ ସିକ୍‌ଦାର, ରଞ୍ଜନ ବେଉରା ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ଆସନ୍ତା ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

### ବନ୍ଧୁମିଳନ ଉତ୍ସବ

**ତିର୍ତ୍ତୋଲ, ୧୬।୧ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ସାରଦା ଏକାଡେମୀର ୧୯୯୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଗୁରୁବାର ଗୋରଖନାଥ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରାକେଶ କୁମାର ମୁଦୁଲି ସଭାପତିତ୍ୱ କରିଥିଲେ। ରାକେଶ କୁମାର ଦାସ, ଦୀପକ ମହାନ୍ତି, ଅଜୟ ଖୁଣ୍ଟିଆ, ସୁଜିତ ଦାସ, ଦୁର୍ଗା ସେଠୀ, ଚିତ୍ତରଞ୍ଜନ ସାହୁ, ଦିଲୀପ ପଣ୍ଡା, ସୋମଦତ୍ତ ସ୍ୱାଇଁ, ଅଭିମନ୍ୟୁ ମହାନ୍ତି, ଉଦୟ ରଞ୍ଜନ ପଣ୍ଡା, ରବିନାରାୟଣ ପଣ୍ଡା, ପ୍ରଦୀପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ସୁଷମ ଜଳ ବଣ୍ଟନ ଉପରେ ଗୁରୁତ୍ୱ



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ୍, ୧୬।୧**

ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଏହା ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଉପଲକ୍ଷେ ଆୟୋଜିତ ପାଣି ପଞ୍ଚାୟତ ରଥକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରଥ

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ**

ସମଗ୍ର ଜିଲା ପରିକ୍ରମା କରି ଚାଷୀଙ୍କୁ ପାଣି ପଞ୍ଚାୟତର କାମ ଓ ଚାଷର ଉନ୍ନତି ଉପରେ ସଚେତନ କରାଇବ। ଜଗତ୍‌ସିଂହପୁର ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପାଣି ପଞ୍ଚାୟତ ମାଧ୍ୟମରେ ପ୍ରତ୍ୟେକ ସଭ୍ୟଙ୍କ ମଧ୍ୟରେ ସୁଷମ ଜଳ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ସରକାରୀ ଅନୁଦାନ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସୁଥିବା ଆର୍ଥିକ ସହାୟତାର ସଦୁପଯୋଗ ଉପରେ ସଚେତନ କରାଯିବ। ଏହି ଅନୁଦାନରେ ମାଇନର ଓ ସବ୍ ମାଇନର କେନାଲର ରକ୍ଷଣାବେକ୍ଷଣ, ବାର୍ଷିକ ଫସଲ ଖସଡ଼ା ପ୍ରସ୍ତୁତି ଓ କାର୍ଯ୍ୟକାରିତା, ସର୍ବଶ୍ରେଷ୍ଠ ପଞ୍ଚାୟତକୁ ପୁରସ୍କାର ପ୍ରଦାନ, ପଞ୍ଚାୟତ ସଭ୍ୟମାନଙ୍କ ନିମନ୍ତେ ତାଲିମ ଓ କ୍ଷେତ୍ର ପରିଦର୍ଶନ ବ୍ୟବସ୍ଥା, ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ, ପାଣି ପଞ୍ଚାୟତ ମାଧ୍ୟମରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ବାବଦରେ ଖର୍ଚ୍ଚ ହେବ। ବିଭିନ୍ନ ବିଭାଗର ସମନ୍ୱୟରେ କାମ କରାଯିବ। ଜାନୁୟାରୀ ୨୨ରେ ମଣିଜଙ୍ଗା ଜଳ ସମ୍ପଦ କାର୍ଯ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ, ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ପାଣି ପଞ୍ଚାୟତ ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ।

# ପ୍ରକୃତ ଜୟ ଅସ୍ତ୍ରରେ ନୁହେଁ, ପ୍ରେମରେ ସମ୍ଭବ

**ଜଗତ୍‌ସିଂହପୁର ଅଫିସ୍, ୧୬।୧**

ହିଂସା, ଅସ୍ତ୍ରର ଜୟ, ଜୟ ନୁହେଁ। ହୃଦୟର ଜୟ ହିଁ ପ୍ରକୃତ ଜୟ। ଏହା ଥିଲା ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା ଅଶୋକଙ୍କ ବାଣୀ। କଳିଙ୍ଗ ମାଟିରେ ଚଣ୍ଡାଶୋକ ଯୁଦ୍ଧ କରି ଲକ୍ଷାଧିକ ଲୋକଙ୍କୁ ମାରି ରକ୍ତର ନଦୀ ସୃଷ୍ଟି କରିଥିଲେ। ଯୁଦ୍ଧ ବିଜୟ କରିବା ପରେ ବି ତାଙ୍କ ମନ ଆନ୍ଦୋଳିତ ହୋଇ ଉଠିଥିଲା। ପ୍ରକୃତରେ ତାଙ୍କର ଜୟ ହୋଇନାହିଁ ବୋଲି ସେ ଅନୁଭବ କରିଥିଲେ। ତା' ପରେ ସେ ଚଣ୍ଡାଶୋକରୁ ଧର୍ମାଶୋକ ହୋଇପାରିଥିଲେ। ଗୁରୁବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପଡ଼ିଆଠାରେ ଜିଲା ଜୁନିୟର ରେଡକ୍ରସ୍ ମେଳା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଥିଲେ, ପୂର୍ବରୁ ଫ୍ରାନ୍ସ ଅଧୀନରେ ସୁଇଜରଲାଣ୍ଡ ରହିଥିଲା। ସେତେବେଳେ




ଉଦ୍‌ଯାପନୀ ଅବସରରେ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁଇଜରଲାଣ୍ଡର ବ୍ୟବସାୟୀ ହେନ୍‌ରୀ ଡୁନାଣ୍ଟ ଫ୍ରାନ୍ସ ଅଧୀନ ଆଲଜେରିଆରେ ଯାଇ ବ୍ୟବସାୟ କରିବାକୁ ଚାହିଁଥିଲେ। ଏ ନେଇ ସେ ଫ୍ରାନ୍ସ ରାଜାଙ୍କୁ ଭେଟିବାକୁ ଯିବା ସମୟରେ ବାଟରେ ୪୦ ହଜାର ସୈନିକ ମୃତାହତ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହି ଦୃଶ୍ୟ ଦେଖିବା ପରେ ସେ ସୈନିକମାନଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇ ରେଡକ୍ରସ୍ ପ୍ରତିଷ୍ଠା କରିଥିଲେ। ଏହିଭଳି ବିଶ୍ୱରେ ଅନେକ ଉଦାହରଣ ରହିଛି, ଯାହା ଆମ୍ଭମାନଙ୍କୁ ହିଂସାର ପରିଣତି କ'ଣ ଦେଖାଇଛି। ତେଣୁ ସ୍ନେହ, ପ୍ରେମ, ଭାଇଚାରା ଆଦିରେ ହିଁ ପ୍ରକୃତ ବିଜୟ ହୋଇଥାଏ ବୋଲି ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ।

ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ସପନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ମଣିଷର ପ୍ରମୁଖ ସମ୍ବଳ ହେଉଛି ମାନବିକ ମୂଲ୍ୟବୋଧ। ଏହାକୁ ଆଧାର କରି ମଣିଷ ତାର ପରିଚୟ ସୃଷ୍ଟି କରିଥାଏ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ଜୁନିୟର ରେଡକ୍ରସ୍ ସମ୍ପାଦକ ସୁଭାଷଚନ୍ଦ୍ର ରାଉତ ବିବରଣୀ ପାଠ ଓ ସାଧନ କର୍ମୀ ନିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ସଙ୍ଗଠନର ମୁଖପତ୍ର 'ସ୍ମୃତି ସହ ଭାବନା'କୁ

**ଜିଲା ଜୁନିୟର ରେଡକ୍ରସ୍ ଶିବିର ଉଦ୍‌ଯାପିତ**

ମୁଖ୍ୟଅତିଥି ଉନ୍ମୋଚନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସାଧନ କର୍ମୀ ଭାବେ ଅତୁଲ ବିକ୍ରମ ପ୍ରଧାନ, ଚନ୍ଦନ କୁମାର ବେହେରା, ବସନ୍ତ ମଞ୍ଜରୀ ଦାସ, ମନୀଷା ମିଶ୍ର, ଇତିଶ୍ରୀ ରଥ, ସଦାଶିବ ସ୍ୱାଇଁ, ପବିତ୍ର ମୋହନ ଗୋଚ୍ଛାୟତ, ଅନନ୍ତ ଚରଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.93 (↓ 11) | 41,932.56 (↑ 59.83) | 12,335.50 (↑ 12.20) | 40,450.00 (↓ ₹43) | 47,406.00 (↓ ₹209) |

“ ଆମାଜନ ଭାରତରେ ୧ ବିଲିୟନ ଡଲାର ନିବେଶ କରି କୌଣସି ଦୟାଭାବ ଦେଖାଇନାହିଁ।
– ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ



“ ଚଳିତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ର ଅଭିବୃଦ୍ଧି ୩.୧% ଛୁଇଁବା ନେଇ ଆଶାବାଦୀ।
– ରମେଶ ଚାନ୍ଦ, ନୀତି ଆୟୋଗ ସଦସ୍ୟ



# ଟେଲିକମ୍ କମ୍ପାନୀ ପଇଠ କରିବେ ୧.୪୭ ଲକ୍ଷ କୋଟି ବକେୟା

## ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ,୧୬-୧

ବୈଧାନିକ ଦେୟ ବାବଦ ବକେୟା ୧.୪୭ ଲକ୍ଷ କୋଟି ଟଙ୍କା ଚଳିତମାସ ୨୩ ସୁଦ୍ଧା ସରକାରଙ୍କୁ ଦେବା ଲାଗି ସୁପ୍ରିମକୋର୍ଟ ଟେଲିକମ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ଲାଗି ଭୋଡାଫୋନ ଆଇଡିଆ ଏବଂ ଏୟାରଟେଲ ଭଳି କମ୍ପାନୀ ସର୍ବୋଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିଶନ ଦାୟର କରିଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି। ଜଷ୍ଟିସ ଅରୁଣ ମିଶ୍ର, ଏସ୍.ଏ. ଅବଦୁଲ ନାଜିର ଏବଂ ଏମ୍.ଆର୍. ଶାହ ବୁଧବାର ଏହି ମାମଲାର ଶୁଣାଣି କରିବା ସହ ଆବେଦନକୁ ଖାରଜ କରିଥିବା ଜଣାପଡିଛି। ଏହି ମାମଲାର ପୁନଃ ଶୁଣାଣି ଲାଗି କୌଣସି ଯଥାର୍ଥ କାରଣ ନ ଥିବା ଖଣ୍ଡପୀଠ କହିଛନ୍ତି। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଟେଲିକମ କମ୍ପାନୀଗୁଡିକ ୧.୦୨ ଲକ୍ଷ କୋଟି ଟଙ୍କାର ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ (ଏଜିଆର୍) ଦେୟ ପଇଠ କରିବେ। ଟେଲିକମ୍ କମ୍ପାନୀଙ୍କର ଅଣ ଟେଲିକମ୍ ରାଜସ୍ୱ ବା ଏଜିଆରକୁ ନେଇ ବୈଧାନିକ ଦେୟ ହିସାବ କରାଯିବ ବୋଲି ଅକ୍ଟୋବର ୨୪ରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ।

ଏହି ମାମଲାର ଓପନ କୋର୍ଟ ହିୟରିଂ ହେଉ ବୋଲି ଟେଲିକମ୍ କମ୍ପାନୀ ନିବେଦନ କରିଥିଲେ। ଏହାକୁ ଖାରଜ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟ ଇନ ଚାମ୍ବର ଶୁଣାଣି କରିଥିଲେ। ଗତ ବର୍ଷ ଅକ୍ଟୋବରରେ ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ ଯେ, ବୈଧାନିକ ଦେୟ ବାବଦ ଟେଲିକମ୍ କମ୍ପାନୀଗୁଡିକ ୧.୪୭ ଲକ୍ଷ କୋଟି ଟଙ୍କା ବାକି ରଖିଛନ୍ତି। ଏହି ଦେୟ ଉପରେ ବର୍ତ୍ତମାନ ସୁଧ କିମ୍ବା ଜରିମାନା ଛାଡ କରିବା ନେଇ କୌଣସି ଯୋଜନା ନାହିଁ ବୋଲି ସେ ମତ ରଖିଥିଲେ। ଦେୟ ମଧ୍ୟରେ ଲାଇସେନ୍ସ ଫି ବାବଦ ୯୨,୬୪୨ କୋଟି, ସ୍ପେକ୍ଟ୍ରମ ବ୍ୟବହାର ଚାର୍ଜ ବାବଦ ୫୫,୦୫୪ କୋଟି ଟଙ୍କା ସାମିଲ ରହିଥିବା ଲୋକ ସଭାକୁ ଏକ ଲିଖିତ ଉତ୍ତରରେ ସେ କହିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ସତ୍ୟପାଠ ଜରିଆରେ ଟେଲିକମ୍ ବିଭାଗ (ଡିଓଟି) କହିଛି ଯେ, ଏୟାରଟେଲ ଲାଇସେନ୍ସ ଫି ବାବଦ ୨୧, ୬୬୨.୧୩ କୋଟି, ଭୋଡାଫୋନ ୧୯,୮୨୩.୭୧ କୋଟି, ରିଲାଏନ୍ସ କମ୍ୟୁନିକେଶନ ୧୬,୪୫୫ କୋଟି, ବିଏସ୍ଏନ୍ଏଲ୍ ୨୦୯୮ କୋଟି ଏବଂ ଏମ୍‌ଟିଏନ୍ଏଲ୍ ୨୫୩୭ କୋଟି ଟଙ୍କା ବକେୟା ରଖିଛି।

# ୟୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ବାର୍ଷିକ ବୈଠକ




ଭୁବନେଶ୍ୱର,୧୬-୧

ଅଲ୍ ଓଡିଶା ୟୁନିୟନ ବ୍ୟାଙ୍କ ଅଫିସର୍ସ ସଂଘର ୧୮ତମ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପି.ବାଲାଚନ୍ଦ୍ର, ସର୍ବଭାରତୀୟ ୟୁନିୟନ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି ପରେଶ ନଖୱା, ଉପସଭାପତି ଗିରିଧର ଗୋପାଳ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲିଙ୍ଗରାଜ ଆଚାର୍ଯ୍ୟ ଓଡ଼ିଶା ୟୁନିଟର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ସଭାପତି ଭାବେ ମନୋଜ କୁମାର ପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଏଚ୍.କେ.ପାହି ମନୋନୀତ ହୋଇଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଆର୍.ଏଲ୍‌ମୀନା, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଏସ୍ .କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍‌ସଙ୍ଗର ମକର ସଂକ୍ରାନ୍ତି ଅଫର

ନୂଆଦିଲ୍ଲୀ,୧୬-୧

କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ମକର ସଂକ୍ରାନ୍ତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି, ଫାଇନାନ୍ସ ସୁବିଧା, ୧୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍, ଜିରୋ ଡାଉନପେମେଣ୍ଟ, ସହଜ ଇଏମ୍ଆଇ ରହିଛି। ଏହି ଅଫର ୩୧ ଜାନୁୟାରୀ ଯାଏ ରହିବ। ଏହି ସମୟରେ କ୍ୟୁଏଲ୍ଇଡି, ୪କେ ୟୁଏଚ୍‌ଡି ଭଳି ଅନ୍ୟ କେତେ ସାମଗ୍ରୀ କ୍ରୟରେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ପାର୍ବଣ ସମୟରେ ନୂଆ ଅଫରର ଲାଭ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଜନେସର ବରିଷ୍ଠ ଉପସଭାପତି ରାଜୁ ପୁଲାନ କହିଛନ୍ତି।

# କିଆର ଅଷ୍ଟ୍ରେଲିଆନ ଓପନ୍ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମ

ନୂଆଦିଲ୍ଲୀ,୧୬-୧

କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର ଅଷ୍ଟ୍ରେଲିଆନ ଓପନ ବଲ୍‌କିଡ୍‌ସ ଇଣ୍ଡିଆ ପ୍ରୋଗ୍ରାମର ୨ୟ ସିଜିନ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୨ରୁ ୧୫ ବର୍ଷ ବୟସର ୧୦ ଜଣ ମନୋନୀତ ପିଲାଙ୍କୁ ଏକ ବ୍ୟାପକ ପ୍ରଶିକ୍ଷଣ ପ୍ରକ୍ରିୟାର ସାମନା କରିବାକୁ ହେବ। ଚଳିତ ମାସ ହେବାକୁ ଥିବା ଆଇକନିକ ଗ୍ରାଣ୍ଡ ସ୍ଲାମରେ ସାରା ବିଶ୍ୱରୁ ଆସିଥିବା ବଲ୍‌କିଡସ ମଧ୍ୟରେ ଏମାନେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ଅଷ୍ଟ୍ରେଲିଆନ୍ ଓପନ ବଲ୍‌କିଡସ୍ ଇଣ୍ଡିଆ ପ୍ରୋଗ୍ରାମର ବିଜେତା ମଧ୍ୟରେ ହାଇଦ୍ରାବାଦର ଆଦିତ୍ୟ ବିଏମ୍‌ଭି, ସଂସ୍କୃତି ବିଏମ୍‌ଭି, ଅହମ୍ମଦାବାଦର ଅର୍ଥବ ହିତେନ୍ଦ୍ର, କୋଲକାତାର ଅଦ୍ରିଜୋ ସେନଗୁପ୍ତା, ଗୁରୁଗ୍ରାମର ବିଦ୍ୟାଂଶୁ ପାଣ୍ଡେ ଓ ହର୍ଷିତ ପଣ୍ଡିତ, ପଞ୍ଚକୁଲାର ରିଜୁଲ ଭାଟିଆ, ଚଣ୍ଡିଗଡର ସଂଗ୍ରାମ ସିଙ୍ଗଲା ରହିଛନ୍ତି। କିଆମୋଟର୍ସ ସର୍ବଦା ଏହାର ମୂଳ ବ୍ୟବସାୟଠାରୁ ଆଗକୁ ବଢିବା ସହ ଉପଭୋକ୍ତାଙ୍କୁ ଜାଣିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ ଓ ପ୍ରେରିତ କରିଥାଏ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି।

# ହୋଣ୍ଡାର ନୂଆ ବିଏସ୍-୬ ଆକ୍ଟିଭା ୬ଜି




ନୂଆଦିଲ୍ଲୀ,୧୬-୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ବିଏସ୍-୬ ଆକ୍ଟିଭା ୬ଜି ବଜାରକୁ ଆସିଛି। ଯାନଟିର ଏକ୍ସ ଶୋ'ରୁମ ନୂଆଦିଲ୍ଲୀ ମୂଲ୍ୟ ୬୩,୯୧୨ ଟଙ୍କା ରହିଛି। ନୂଆ ନିୟମ ଲାଗୁ ହେବାର ବହୁ ପୂର୍ବରୁ ହୋଣ୍ଡା ଭାରତରେ ପ୍ରଥମ ନିର୍ମାତା ଭାବେ ବିଏସ୍-୬ ଦୁଇ ଚକିଆ ଯାନ ଆକ୍ଟିଭା-୧୨୫ ଓ ପରେ ଏସ୍‌ପି ୧୨୫ର ବିକ୍ରି ଆରମ୍ଭ କରିଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ସାରା ଦେଶରେ ବିଏସ୍-୬ ମଡେଲ ଯାନଗୁଡିକର ୭୫ ହଜାରରୁ ଊର୍ଦ୍ଧ୍ୱ ୟୁନିଟ ଯାନ ବିକ୍ରି ହୋଇଛି। ନୂଆ ମଡେଲ ବ୍ୟବସାୟ ସମ୍ପ୍ରସାରଣକୁ ଦୃଢ କରିବା ନେଇ ବିଶ୍ୱାସ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଦୀର୍ଘ ୨ ଦଶନ୍ଧି ଧରି ସ୍ୱୟଂଚାଳିତ ସ୍କୁଟର ବର୍ଗରେ ଆକ୍ଟିଭା ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ନୂଆ ମଡେଲଟିରେ ୨୬ ପ୍ରକାରର ପେଟେଣ୍ଟ ଆପ୍ଲିକେଶନ ବ୍ୟବହାର କରାଯାଇଛି। ୧୧୦ ସିସି ଏଚ୍ଇଟି ବିଏସ୍-୬ ପିଜିଏମ୍ ଏଫ୍ଆଇ ଇଞ୍ଜିନ ଏଥିରେ ବ୍ୟବହାର କରାଯାଇଛି। ଏହା ୧୦% ଅଧିକ ମାଇଲେଜ ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟେଲିସ୍କୋପିକ ସସ୍‌ପେନଶନ, ସମନ୍ୱିତ ଡୁଆଲ ଫଙ୍କସନ ସ୍ୱିଚ୍ ସହ ଷ୍ଟାଣ୍ଡାର୍ଡ ଓ ଡିଲକ୍ସ ଭଳି ୨ ଭାରିଆଣ୍ଟ ଏବଂ ୬ ଟି ରଙ୍ଗରେ ଏହା ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ନିସ୍‌ରେ ଡ୍ରିମ୍‌ଫେଷ୍ଟ ୨୦୨୦



ଭୁବନେଶ୍ୱର,୧୬-୧

ନିସ୍ ଶିକ୍ଷାନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ଡ୍ରିମ୍‌ଫେଷ୍ଟ-୨୦୨୦ ଏବଂ ରାଜ୍ୟ ସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉନ୍ନତ ଶିକ୍ଷା ଗ୍ରହଣ ଏବଂ ଦେଶ ବିଦେଶରେ ସୁନାମ ଅର୍ଜନ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ମାନବାଧିକାର କମିଶନର ଜଷ୍ଟିସ ଅଧ୍ୟକ୍ଷ ବିମଳ ପ୍ରସାଦ ଦାସ ଏବଂ ସଦସ୍ୟ ଅସିତ ଅମିତାଭ ଦାଶ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଦିଗରେ ଉଚିତ ଶିକ୍ଷାର ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ବିଜନେସ ଆଡମିନିଷ୍ଟ୍ରେଶନ ବିଭାଗ ପକ୍ଷରୁ ଏକ ବାଣିଜ୍ୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ମୁଖ୍ୟ ବି.ବି. ମିଶ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରବୋଧ କୁମାର ହୋତା ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ନିର୍ଦ୍ଦେଶକ ଡ.ସ୍ମୃତିକାନ୍ତ ଦୀକ୍ଷିତ, ଡେପୁଟି ଡାଇରେକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍ ପ୍ରମୋଦ କୁମାର ପୃଷ୍ଟି, ସହପ୍ରତିଷ୍ଠାତା ଡ.ସ୍ମୃତିସୁଧା ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


## GOVERNMENT OF ODISHA, HOUSING & URBAN DEVELOPMENT DEPTT.
## OFFICE OF THE MUNICIPAL COUNCIL, BELPAHAR

Tele Phone : 06645-250458, Fax : 06645-250236, Email : nacbelpahar@gmail.com

**"e" - Procurement Notice**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| Sl. No. | Bid reference No. | Bid Identification No. | Name of the work | Package No. | Estimated Cost (In Lakhs.) | Period of Completion | Date & Time for availability of the bid documents in the portal | Last Date & Time for receipt of bids in the portal | Submission of hard copies of uploaded documents | Date & Time for opening of Technical bid | Name & address of the officer inviting bid |
|---|---|---|---|---|---|---|---|---|---|---|---|
| 1. | EO/ BPHM /07/ 2019-20 | 2020_ ORULB_ 58945 | Reclamation of water bodies at Belpahar Municipality i.e. Gumadera Suru Kanta, Muchhbahal Kanta. | II | 284.61 | 12 Calendar Months | From dt.17.01.2020 at 10.00 A.M. to dt.02.02.2020 up to 5.00 P.M. | Dt.02.02.2020 up to 5.00 P.M. | From dt. 03.02.2020 at 10.00 A.M to dt.05.02.2020 up to 5.00 P.M. | 11.00 A.M. and onwards on dt.06.02.2020 | Executive Officer Belpahar, Municipality |
| 2. | EO/ BPHM /08/ 2019-20 | 2020_ ORULB_ 58947 | Reclamation of water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months | | | | | |

Further details can be seen from the procurement portal : www.tendersorissa.gov.in. If any addendum / corrigendum / cancellation of tender shall be publish in the above website only.

Sd./- Executive Officer,
Belpahar Municipality



## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

**ଘୋଷଣା**

FILE NO.- L.A.-୦୧/୨୦୧୭ 324 DATED 13.12.2019

**NO. XXXIII-09:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT. 2013ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଭୁବନେଶ୍ୱର ସହର ୟୁନିଟ୍-୩୬-ରାଜାରାଣୀ, ଥାନା- ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଭୁବନେଶ୍ୱର ସହର ସମନ୍ୱିତ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013ର ଧାରା ୧୧(୧)ର ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୨, ତା୦୨।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଭୁବନେଶ୍ୱର ସହର ୟୁନିଟ୍-୩୬-ରାଜାରାଣୀ, ଥାନା- ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଭୁବନେଶ୍ୱର ସହର, ୟୁନିଟ୍-୩୬, ରାଜାରାଣୀ | ସହରାଞ୍ଚଳ | ୭୧୯ ବେବନ୍ଦୋବସ୍ତ | ୪୫୨ | ଶାରଦ ଜଳ ଏକ | ଏ. ୦.୩୬୮ | ଏ. ୦.୦୩୨ | ଲକ୍ଷ୍ମୀଧର ପୂଜାପଣ୍ଡା, ଦିବ୍ୟସିଂହ ପୂଜାପଣ୍ଡା, କିସ୍ମତ: ବାରଅଣା, ପି: ଆର୍ତ୍ତତ୍ରାଣ ପୂଜାପଣ୍ଡା, ଯଦୁମଣି ପୂଜାପଣ୍ଡା, ବ୍ରଜମଣି ପୂଜାପଣ୍ଡା, ପି: ନାରାୟଣ ପୂଜାପଣ୍ଡା, ବାଞ୍ଛାନିଧି ପୂଜାପଣ୍ଡା, ପି:କୃଷ୍ଣ ଚନ୍ଦ୍ର ପୂଜା ପଣ୍ଡା ପଦ୍ମଲାଭ ପୂଜାପଣ୍ଡା, ପି: ରଘୁନାଥ ପୂଜାପଣ୍ଡା, ପୁରୁଷୋତ୍ତମ ପୂଜାପଣ୍ଡା, ପି: ଗଦାଧର ପୂଜାପଣ୍ଡା, ଜଗନ୍ନାଥ ପୂଜାପଣ୍ଡା, ପି: ଧର୍ମୁ ମହାପାତ୍ର, କିସ୍ମତ୍ ଚାରିଅଣା, ବା: ଭୁବନେଶ୍ୱର |
| | | | ୬୪୦ | ଶାରଦ ଜଳ ଏକ | ଏ. ୦.୭୩୫ | ଏ. ୦.୦୩୮ | |
| | | | | ମୋଟ ରକବା | | ଏ.୦.୦୭୦ | |

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୮।୦୧।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

24013/14/0012/1920



## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
## ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. OSOU/2019-20/124 Dt. 16.01.2020

**TENDER CALL NOTICE**

Sealed tenders are invited from reputed Manpower Supplying & Security service providing agencies for providing Stenographer, Data Entry operators, Attendants, Sweeper, Driver, Security Guards and other support staffs for University Headquarters & Other Regional Centers

Tender Documents with General Information for applying are available in the University website www.osou.ac.in. The last date of submission of Tender is **06th February 2020**. Technical bids of tenders will be opened on **07th February 2020**.

**www.osou.ac.in**

**Registrar**



No.E-669

**Advertisement for Tender for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir**

Sealed Tender is invited from Organization/Firms/ Agencies for Supply and Maintenance of Electric Ambulance for Patient transportation inside the Hospital campus at Bhima Bhoi Medical College & Hospital, Balangir. The tender paper completed in all respect should be submitted to the undersigned on or before 22.01.2020/ Time:12:00 PM in the office of the Superintendent, BBMC&H, Balangir. The details and terms and conditions can be downloaded from the official website **https://gmchbalangir.infocreatives.com**

**Superintendent, Bhima Bhoi Medical College & Hospital, Balangir**

10141/11/0010/1920



## DISTRICT PROJECT OFFICE, RTE-SSA, JAGATSINGHPUR
File No. 01/Ped/2020 Notice No. 99/Ped/20 Date: 10.01.2020

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEETS & REPORT CARD FOR SUMMATIVE ASSESSMENT-II, 2019**

Sealed tenders are invited in the prescribed format from reputed Offset printing firms having up to date DIC, OSIC, NSIC, TAN / PAN, GST registration certificate for printing, packing and supply of Question-cum-Blank Answer Sheet & Report Card for the Summative Assessment-II, 2020 pertaining to Class-I to Class-VIII in respect of all Govt. & Govt. Aided, Primary & Upper primary schools of Jagatsinghpur District. The detailed specification along with term and conditions can be obtained from the District website i.e. http://www.jagatsinghpur.nic.in and OPEPA website http://www.opepa.in. The details is also available in NIC website www.jagatsinghpur.nic.in.

*By order of Collector-cum-Chairperson, **Sd./- District Project Coordinator, RTE-SSA, Jagatsinghpur***



## OFFICE OF THE EXECUTIVE ENGINEER
## RURAL WORKS DIVISION, SUNDARGARH
E.Mail - rw_sundargarh@yahoo.co.in, Ph - 06622-272280 (off)

**1st Corrigendum to Bid Identification No Onllne-EESNG-12 of 2019-20**

No.O-856 :- Due to unavoidable circumstances, the tender invited vide bid Identification No: Online-EESNG-12 of 2019-20 is re tendered and Online availability of tender, receipt submission and opening of Tender Document has been changed. Details as follows:-

A) Availability of tender online for bidding: from 16.01.2020 (11.00 A.M.) to 24.01.2020 (5.00 P.M.)
B) Last date of seeking clarification: 22.01.2020 up to 11.00 AM.
C) Date of Opening of Tender: At 11.00 A.M on 27.01.2020 (Technical Bid). At 11.00 A.M on 28.01.2020 (Financial Bid).

***All other terms & conditions remain unchanged.***

Sd./- Executive Engineer
R.W. Division, Sundargarh

25046/11/0024/1920



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କିଶୋରନଗର

ପତ୍ରସଂଖ୍ୟା: ୧୧୧ ତା: ୧୬।୦୧।୨୦୨୦

ଏତଦ୍ୱାରା କିଶୋରନଗର ପଞ୍ଚାୟତ ସମିତି ଅଧୀନରେ ଥିବା ୨୩ଗୋଟି ଗ୍ରା.ପ.ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (Mahatma Gandhi NREGS) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୯-୨୦ ଆର୍ଥିକ ବର୍ଷର ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଓ ଲାଇନ ବିଭାଗଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ ନିମ୍ନପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସଭାରେ ସମ୍ପୃକ୍ତ ଗ୍ରା.ପ.ର ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ପଞ୍ଚାୟତର ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ ଓ ସାମାଜିକ ସମୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) | ଗ୍ରାମପଞ୍ଚାୟତ ସ୍ତରରେ ଜନଶୁଣାଣି ବା ସାମାଜିକ ସମୀକ୍ଷା | ସ୍ଥାନ |
|---|---|---|---|---|
| ୧ | ନାକଟି, ଝରାବେରେଣୀ, ଜଏରାଟ, କଦଳୀମୁଣ୍ଡା, କଣ୍ଟେଇକୁଳିଆ, ଲୁହାମୁଣ୍ଡା, ଉରୁକୁଳା | ୧୮।୦୧।୨୦୨୦ ଠାରୁ ୨୮।୦୧।୨୦୨୦ | ୨୮।୦୧।୨୦୨୦ ସକାଳ ୧୦ଘଟିକା | ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟ |
| ୨ | ଓସ୍ତାପାଲି, ଅଙ୍ଗପଡ଼ା, ବିଳେଇନାଳୀ, ହିମିତିରା, ଗାଁବଇଣ୍ଡା, ରଣିଆକଟା, ସଞ୍ଜାମୁରା, ଠେଲକନାଳୀ | ୦୩।୦୨।୨୦୨୦ ଠାରୁ ୧୩।୦୨।୨୦୨୦ | ୧୩।୦୨।୨୦୨୦ ସକାଳ ୧୦ଘଟିକା | |
| ୩ | ନୁନୁକାପଶି, ହଣ୍ଡପା, କଟରଙ୍ଗା, ଜାମୁନାଳୀ, ବାମୁର, ଧଉରପାଳ, ଆମ୍ବପାଳ, ଧଉରାପାଲି | ୧୮।୦୨।୨୦୨୦ ଠାରୁ ୨୯।୦୨।୨୦୨୦ | ୨୯।୦୨।୨୦୨୦ ସକାଳ ୧୦ଘଟିକା | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, କିଶୋରନଗର

# ପୋଲ ନିକଟରେ ଗଛରେ ପିଟିହେଲା ବୋଲେରୋ, ବର୍ତ୍ତିଲେ ୮ ଯୁବକ

**ରାଜକନିକା,୧୬।୧(ଡି.ଏନ.ଏ.)**

ରାଜକନିକା ବ୍ଲକ ଦୋମଣ୍ଡା ପଞ୍ଚାୟତ ଅଧୀନ ବାଲିଆପାଟ ପୋଲ ନିକଟରେ ଗୁରୁବାର ସକାଳ ପ୍ରାୟ ୬ଟା ବେଳେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ଏଥିରେ ବସିଥିବା ୮ ଜଣ ଯୁବକ ଆସନ୍ନ ମୃତ୍ୟୁମୁଖରୁ ଅଳ୍ପକେ ବର୍ଞ୍ଚି ଯାଇଛନ୍ତି । ବୋଲେରୋର ଆଗ କାଚ ଭାଙ୍ଗି ଯାଇ ଛିନଛତ୍ର ହୋଇ ପଡ଼ିଛି । ଆଗ ଚକା ପୋଲରେ ବିପଦଜନକ ଅବସ୍ଥାରେ ଲାଖି ରହିଛି।


ଦୁର୍ଘଟଣାଗ୍ରସ୍ତ ବୋଲେରୋ।

ପ୍ରକାଶ ଯେ, ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳର ଲିଟୁ ପ୍ରଧାନ, ନୃସିଂହ ସାହୁ, ବିକ୍ରମ ଚନ୍ଦ୍ର ଛତ୍ରୀ, ଶ୍ୟାମଘନ ନାୟକ, ସରୋଜ ଖଣ୍ଡଧାରୀ ଓ ବିଦ୍ୟାଧର ଖଣ୍ଡଧାରୀଙ୍କ ସମେତ ୮ଜଣ ଯୁବକ ଏକ ବୋଲେରୋରେ ରାଜକନିକାର କନପୁର-ଦୋମଣ୍ଡା ରାସ୍ତା ଦେଇ ଭଦ୍ରକ ଜିଲାର ଆରଡି ଧାମକୁ ଯାଉଥିଲେ । ହେଲେ ସକାଳର ଘନ କୁହୁଡି ଯୋଗୁ ପୋଲ ନିକଟରେ ଥିବା ଏକ ଗଛରେ ଗାଡିଟି ପିଟି ହୋଇ ଯାଇଥିଲା । ଏହି ଖବର ପାଇ ଗ୍ରାମବାସୀ ଆସି ଦୁର୍ଘଟଣାଗ୍ରସ୍ତ ଗାଡିରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଉକ୍ତ ପୋଲରେ ବାଡ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ତୁରନ୍ତ ଏହାର ପ୍ରତିକାର କରିବାକୁ କନପୁର ଗ୍ରାମବାସୀ ଦାବି କରିଛନ୍ତି।

# ଜଳର ସଦ୍ ବିନିଯୋଗ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ,୧୬।୧**

କେନ୍ଦ୍ରାପଡା ଜଳ ସମ୍ପଦ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଗୁରୁବାର କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ନିର୍ବାହୀ ଯନ୍ତ୍ରୀ ଇଂ ପ୍ରବୋଧ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉପ ନିର୍ବାହୀ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଶାରଦା ପ୍ରସାଦ ମିଶ୍ର , ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କନ୍ଦ ଜେନା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁ, ପ୍ରଭଞ୍ଜନ ମିଶ୍ର ଓ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର ଆଲୋଚକଭାବେ ଯୋଗଦେଇଥିଲେ । ଜଳର ସଦ୍ ବିନିଯୋଗ କରା ନ ଗଲେ ଭବିଷ୍ୟତରେ ଭୁପୃଷ୍ଟ ଜଳର ଅଭାବ ପରିଲକ୍ଷିତ ହେବ ବୋଲି ସେମାନେ ପ୍ରକାଶ କରିଥିଲେ । କୃଷି ଓ କୃଷକର ଉନ୍ନତି ହୋଇପାରିଲେ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଦର୍ଶାଇଥିଲେ । ଉପନିର୍ବାହୀ ଯନ୍ତ୍ରୀ ସାହୁ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ଶତାଧିକ କୃଷକ ଯୋଗ ଦେଇଥିଲେ । ଏଥିସହିତ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ ଏକ ସଚେତନତା ରଥ ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି । ଏହି ରଥକୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ବସନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ ।











# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

## ନାବାଳିକା ଅପହରଣ ଘଟଣା

**ପଟ୍ଟାମୁଣ୍ଡାଇ,୧୬।୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯିବା ଘଟଣାର ୪ ଦିନ ବିତିଥିଲେ ମଧ୍ୟ ସଂପୃକ୍ତ ଅଭିଯୁକ୍ତଙ୍କ ଟେର୍ ମିଳିପାରିନାହିଁ । ଗୁରୁବାର ପୋଲିସ ନାବାଳିକା ଓ ତାଙ୍କ ମାଆ ବାପାଙ୍କୁ ନେଇ ଘଟଣାସ୍ଥଳକୁ ଛାନ୍‌ଭିନ୍ନ ପାଇଁ ଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ନାବାଳିକା ଜଣକ ଗତ ରବିବାର ଆଳି ଅଞ୍ଚଳରେ ଥିବା ତାଙ୍କ ମାମୁଁ ଘର ଗାଁରୁ ନିଜ ଗ୍ରାମକୁ ଫେରୁଥିଲେ । ତେବେ ବାଟରେ ତାଙ୍କ ନିଜ ଗ୍ରାମର ଜଣେ ଯୁବକ ଅନ୍ୟ ୨ ଜଣଙ୍କ ସହ ମିଶି ଏକ ବୋଲେରୋରେ ତାଙ୍କୁ ଯାଜପୁର ଜିଲାର ସିଂହପୁର କଲେଜ ନିକଟକୁ ନେଇ ଯାଇଥିଲେ । ନାବାଳିକାଙ୍କୁ ନିଶା ମିଶା ଥଣ୍ଡା ପାନୀୟ ପିଆଇ ଦେଇଥିଲେ । ଫଳରେ ସେ ଅଚେତ ହୋଇ ପଡିଥିଲେ । ପରେ ଯୁବକମାନେ ତାଙ୍କୁ ଏକ କୋଠରିରେ ରଖି ସୋମବାର ଭୋର ୫ଟାରେ ତାଙ୍କ ଗ୍ରାମ ନିକଟରେ ଛାଡି ଦେଇଥିଲେ । ଏ ନେଇ ନାବାଳିକାଙ୍କ ବାପା ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଥିଲେ । ମାତ୍ର ଫାଣ୍ଡି ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପରଦିନ ଝିଅକୁ ଧରି ମାଆ ବାପା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ । ବୁଧବାର କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି । କିନ୍ତୁ ବଳାତ୍କାର ହୋଇଥିବା ନେଇ ନିର୍ଦ୍ଦିଷ୍ଟ କିଛି ତଥ୍ୟ ମିଳି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ତେବେ ଏହି ଘଟଣାରେ ପଟ୍ଟାମୁଣ୍ଡାଇର ଜଣେ ଯୁବକ ଓ ସିଂହପୁର ଅଞ୍ଚଳର ୨ ଜଣ ଜଡିତ ଥିବା ପୋଲିସ ତଦନ୍ତରୁ ଜାଣିପାରିଛି । ଅନ୍ୟପକ୍ଷରେ ଜଣେ ଅବିବାହିତା ଯୁବତୀ ଅଭିଯୁକ୍ତମାନଙ୍କୁ କେଉଁ ଏକ ଗୋପନୀୟ ସ୍ଥାନରେ ଲୁଚାଇ ରଖିଥିବା ଆଲୋଚନା ହେଉଛି । ପୋଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ବେଳେ ଏବେ ବି ପୋଲିସ ହାତ ଖାଲି ପଡିଛି । ପୋଲିସ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

# ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ଆରମ୍ଭ

## ଭାଗ ନେଇଛନ୍ତି ଦେଶର ୫୦୦ ଏନ୍‌ସିସି କ୍ୟାଡେଟ୍

**ପୁରୀ ଅଫିସ, ୧୬।୧**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ସର୍ବଭାରତୀୟ କୋଷ୍ଟାଲ ଟ୍ରେକ୍ ତାଳବଣିଆସ୍ଥିତ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନରେ ଗୁରୁବାର ଆରମ୍ଭ ହୋଇଛି। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ମୁଖ୍ୟ କମାଣ୍ଡର ଶୈଳେନ୍ଦ୍ର ସିଂ (ନୌସେନା ମେଡାଲ) ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉପକୂଳ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା, ସ୍ୱଚ୍ଛ ଭାରତ ଅଭିଯାନ, ଉପକୂଳ ଜଙ୍ଗଲ ସୁରକ୍ଷା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି, ଜାତୀୟ ସଂହତି ରକ୍ଷା, ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ଉତ୍ତମ ଭାବ ଓ ସମନ୍ୱୟ ରକ୍ଷା ଏବଂ ଉତ୍କଳ ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ନେଇ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।



ଟ୍ରେକିଂରେ ଯାଉଛନ୍ତି ଏନ୍‌ସିସି କ୍ୟାଡେଟ୍।

ଏଥିରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଆସାମ, ମଣିପୁର, ନାଗାଲାଣ୍ଡ, ଆଣ୍ଡାମାନ ଓ ନିକୋବର ସମେତ ଓଡ଼ିଶାର ପ୍ରାୟ ୫୦୦ ଏନ୍‌ସିସି କ୍ୟାଡେଟ୍‌ଙ୍କ ସମେତ ଏନ୍‌ସିସି ବ୍ରହ୍ମପୁର ଗ୍ରୁପ୍‌ର ମୁଖ୍ୟ ଗ୍ରୁପ୍ କ୍ୟାପ୍‌ଟେନ ରବୀନ୍ଦ୍ର ସିନ୍ଧେ, ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସିର ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ରବୀନ୍ଦ୍ର କୁମାର ପାତ୍ର, କର୍ଣ୍ଣେଲ ସରୋଜ କୁମାର ମାଝି ପ୍ରମୁଖ ୧୫ ଅଧିକାରୀ ଯୋଗଦେଇଛନ୍ତି। ପ୍ରଥମ ଦିନ ଏମାନେ ସମୁଦ୍ର କୂଳେ କୂଳେ ଯାଇ ନୂଆନଈ ଦେଇ ସ୍ୱାମୀ ନାରାୟଣ ମନ୍ଦିରରେ ରାତ୍ରିଯାପନ କରିଛନ୍ତି। ଦ୍ୱିତୀୟ ଦିନ ବାଲିଘାଇସ୍ଥିତ ବେଲେଶ୍ୱର ଗୋପୀନାଥ ମହାବିଦ୍ୟାଳୟ, ତୃତୀୟ ଦିନ ଚନ୍ଦ୍ରଶେଖର ଏକାଡେମୀରେ, ଚତୁର୍ଥ ଦିନ କୋଣାର୍କ ମହାବିଦ୍ୟାଳୟରେ ରାତ୍ରିଯାପନ କରିବେ। ଏହାପରେ ସମସ୍ତ ଅଧିକାରୀ ଓ କ୍ୟାଡେଟ୍‌ମାନେ ସୂର୍ଯ୍ୟମନ୍ଦିର, କୋଣାର୍କ ସଂଗ୍ରହାଳୟ ଏବଂ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଦେଖିବେ। ପରେ ସେମାନେ ଭୁବନେଶ୍ୱରର ପ୍ଲାନେଟରିୟମ୍, ଲିଙ୍ଗରାଜ ମନ୍ଦିର, ସିଫା, ଶ୍ରୀମନ୍ଦିର ଏବଂ ପୁରୀ ସମୁଦ୍ର ବେଳାଭୂମି ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ଶୁଭେନ୍ଦୁ ମିଶ୍ର ପରିଚାଳନା କରିଥିଲେ।

# ମଣ୍ଡିରେ ଧାନ ବିକିପାରୁନାହାନ୍ତି ଚାଷୀ

## ସମିତି କାର୍ଯ୍ୟାଳୟରେ ତାଲା ପକାଇଲେ

**ଖଣ୍ଡପଡ଼ା, ୧୬।୧ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଞ୍ଚଳର ଜଣେ ଚାଷୀ ଟୋକନ୍ ପାଇ ନ ଥିବାରୁ ମଣ୍ଡିରେ ଧାନ ବିକିପାରୁ ନାହାନ୍ତି। ଏହାର ସମାଧାନ ଦାବିରେ ଗୁରୁବାର ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସମିତି କାର୍ଯ୍ୟାଳୟରେ ତାଲା ପକାଇଥିଲେ। ରାଜ୍ୟ ସରକାର ସେବା ସମବାୟ ସମିତି ଜରିଆରେ ଧାନମଣ୍ଡି ଖୋଲି ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଧାନକ୍ରୟ କରିବା ବ୍ୟବସ୍ଥା କରିଛନ୍ତି। ଧାନ ବିକ୍ରି ନିମନ୍ତେ ଚାଷୀମାନଙ୍କ ନାମ ପଞ୍ଜୀକରଣ କରାଯାଇ ଟୋକନ ଦେବା ସୁବିଧା ମଧ୍ୟ କରାଯାଇଛି। ମଣ୍ଡିରେ ଟୋକନ ଦେଖାଇ ଚାଷୀମାନେ ଧାନ ବିକ୍ରି କରିପାରିବେ। ଖଣ୍ଡପଡା ବ୍ଲକ କୋସକା ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା କୋସକା ଗ୍ରାମର ଚାଷୀ ଅରୁଣ କୁମାର ମହାନ୍ତିଙ୍କୁ ଅଦ୍ୟାବଧି ଟୋକନ ମିଳି ନ ଥିବାରୁ ସେ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଏ ନେଇ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ଶେଷରେ ଗୁରୁବାର କୋସକା ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲାଇବାକୁ ବାଧ୍ୟ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏଥିଯୋଗୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେବା ସହ ମିଲର କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ ଧାନ କ୍ରୟ କରିପାରି ନ ଥିଲେ। ଏ ସମ୍ପର୍କରେ ସେବା ସମବାୟ ସମିତି କର୍ତ୍ତୃପକ୍ଷ କୋସକା ପୋଲିସ ଫାଣ୍ଡି ଓ ଖଣ୍ଡପଡା ଥାନାର ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ୩ଘଣ୍ଟା ପରେ ପୋଲିସ ଘଟଣାରେ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ସେବା ସମବାୟ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଉକ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସମିତି କାର୍ଯ୍ୟାଳୟର ତାଲା ଖୋଲାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୩ ଗୁରୁତର

**ବାଲୁଗାଁ, ୧୬।୧ (ଡି.ଏନ୍.ଏ.):** ବାଲୁଗାଁ-ବାଣପୁର ରାସ୍ତାର ପଦନପୁର ଛକଠାରେ ନିର୍ମାଣାଧୀନ ରାସ୍ତାରେ ଗୁରୁବାର ଦୁର୍ଘଟଣା ଘଟି ୩ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଙ୍ଗାରୁ ଗାଁର ରଞ୍ଜନ ମହାପାତ୍ର (୨୫), ପ୍ରଭାତ ଡାକୁଆ (୨୮) ଓ ବାଣପୁର ଅଞ୍ଚଳର କାହ୍ନୁଚରଣ ନାୟକ (୩୦)। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ବାଲୁଗାଁ ବାଣପୁର ମୁଖ୍ୟ ରାସ୍ତାର ପଦନପୁର ଛକଠାରେ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଉକ୍ତ ରାସ୍ତା ପାର୍ଶ୍ୱରେ ଲୁହା ରଡ୍‌ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ କୌଣସି ସୂଚନାମୂଳକ ରିବନ୍ ଦିଆଯାଇନାହିଁ। ବିଶେଷ କରି ରାତ୍ର ସମୟରେ ବାଇକ୍ ଆରୋହୀମାନେ ଜାଣି ନ ପାରି ଉକ୍ତ ସ୍ଥାନରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୁରୁବାର ରାତ୍ର ପ୍ରାୟ ୯ ଘଟିକା ସମୟରେ ବାଣପୁର ନିକଟ ଅଙ୍ଗାରୁ ଗାଁର ଦୁଇ ଯୁବକ କୋଲକାତା ଯିବା ପାଇଁ ବାଲୁଗାଁକୁ ଆସୁଥିଲେ। ବାଣପୁର ଅଞ୍ଚଳର କାହ୍ନୁ ସେମାନଙ୍କୁ ବାଇକ୍‌ରେ ଛାଡ଼ିବା ପାଇଁ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ୧୨୦ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍: ୧୭ ଲକ୍ଷ ଟଙ୍କା ବକେୟା ଆଦାୟ

**ବାଲୁଗାଁ, ୧୬।୧ (ଡି.ଏନ୍.ଏ.):** ବାଲୁଗାଁ ସେସୁ ଡ଼ିଭିଜନ ଓ ଫିଡ୍‌କୋ କର୍ମଚାରୀ ମିଳିତ ଭାବେ ଗୁରୁବାର ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରି ବକେୟା ଅର୍ଥ ଖିଲାପକାରୀ ୧୨୦ଜଣ ଉପଭୋକ୍ତାଙ୍କ ବିଦ୍ୟୁତ କାଟ୍ କରିଛନ୍ତି। ଏଥିସହ ବକେୟା ଅର୍ଥ ବାବଦରେ ମୋଟ ୧୭ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବାଲୁଗାଁ ସେସୁ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଚଳିତମାସ ୧୫ ତାରିଖ ସୁଦ୍ଧା ବିଦ୍ୟୁତ୍ ବାବଦରେ ବକେୟା ଅର୍ଥ ପୈଠ ନିମନ୍ତେ ବିଭାଗୀୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ସେହି ଅନୁଯାୟୀ କିଛି ଉପଭୋକ୍ତା ତତ୍ପରତା ପ୍ରକାଶ କରି ପୁରୁଣା ବିଲ୍ ପୈଠ କରିଥିଲେ। ତେବେ ଅଧିକାଂଶ ବିଲ୍‌ରେ ତ୍ରୁଟି ଥିବା ନେଇ ଏହାର ସଂଶୋଧନ ନିମନ୍ତେ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ହୋଇଥିଲା। ଏପରିସ୍ଥଳେ ନିର୍ଦ୍ଧାରିତ ୧୫ ତାରିଖ ଅତିବାହିତ ହୋଇଯାଇଥିବା ବେଳେ ୧୬ ତାରିଖଠାରୁ ବିଭାଗ ପକ୍ଷରୁ ଚଢ଼ାଉ ଅଭିଯାନ ଆରମ୍ଭ କରାଯାଇଛି। ବାଲୁଗାଁ ବିଦ୍ୟୁତ୍ ଡ଼ିଭିଜନ ଅଧୀନ ଚିଲିକା, ବାଣପୁର, ଟାଙ୍ଗୀ ଓ ରଣପୁର ବ୍ଲକ୍ ଅଞ୍ଚଳରେ ସେସୁ ଓ ଫିଡ୍‌କୋ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ବହୁ ଉପଭୋକ୍ତା ବକେୟା ଅର୍ଥ ବାବଦକୁ ଟଙ୍କା ପୈଠ କରିଥିବା ବେଳେ ଏ ବାବଦରେ ମୋଟ ୧୭ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ତେବେ ବିଦ୍ୟୁତ୍ ବକେୟା ଅର୍ଥ ଖିଲାପକାରୀ ମୋଟ ୧୨୦ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଏଥିଯୋଗୁ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ସଡ଼କ ସୁରକ୍ଷା ସପ୍ତାହ

**ଓଡ଼ଗାଁ, ୧୬।୧ (ସ୍ୱ.ପ୍ର.)**-ସ୍ଥାନୀୟ ଆଦର୍ଶ ଥାନା ଓ କୋମଣ୍ଡ ଆଇଟିଆଇ ତରଫରୁ ଗୁରୁବାର ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଥାନା ପରିସରରୁ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଥାନା ଅଧିକାରୀ ବଂଶୀଧର ବିଶ୍ୱାଳଙ୍କ ସହିତ ବୁଦ୍ଧିଜୀବୀ, ଖବରଦାତା ଓ ଅନ୍ୟମାନେ ସାମିଲ ହୋଇଥିଲେ। ସଡକ ନିରାପତ୍ତା ସମ୍ବନ୍ଧୀୟ ପ୍ରଚାର ପତ୍ର ବଣ୍ଟନ କରାଯିବା ସହିତ ଲୋକଙ୍କୁ ହେଲମେଟ ପିନ୍ଧିବା, ସିଟ ବେଲ୍ଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା ନିମନ୍ତେ ବୁଝାଯାଇଥିଲା।

### ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଜଟଣୀ, ୧୬।୧ (ଡି.ଏନ.ଏ.):** ଜଟଣୀ କୁସୁମାଟି-ଛଣଘର ଖେଳପଡିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଫ୍ରେଣ୍ଡସ୍ ପାରାଡାଇଜ୍(ଜୁନିୟର)କୁ ୧-୦ ଗୋଲରେ ପରାସ୍ତ କରି ପୁରୀ ନିତା ଫୁଟବଲ ଏକାଡେମୀ (ଜୁନିୟର) ବିଜୟୀ ହୋଇଥିଲା। ବିଦେଶୀ ନାୟକ ରେଫରି ରହିଥିବା ବେଳେ ଆସିଷ୍ଟାଣ୍ଟ ରେଫରି ଭାବେ ଆର୍.ସି. ପାଇକରାୟ ଓ ସେକ୍ ଅବଦୁଲ ମ୍ୟାଚ୍ ପରିଚାଳନା କରିଥିଲେ।

# ରାସ୍ତାକାମକୁ ନେଇ ଗ୍ରାମସଭାରେ ଉଦ୍‌ବେଗ

**ଖଣ୍ଡପଡ଼ା, ୧୬।୧ (ସ୍ୱ.ପ୍ର.)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସମ୍ପ୍ରତି ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶୁଳିଆ-କଣ୍ଟିଲୋ କଂକ୍ରିଟ ରାସ୍ତା କାମ ଚାଲୁ ରହିଛି। ପୂର୍ବରୁ ଏହା ୧୨ଫୁଟ ଓସାର ବିଶିଷ୍ଟ ହୋଇଥିବାବେଳେ ଏବେ ୧୦ଫୁଟ କରାଯାଉଛି। ଗୁରୁବାର କଣ୍ଟିଲୋଠାରେ ଆୟୋଜିତ ଗ୍ରାମସଭାରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କଣ୍ଟିଲୋ ସରପଞ୍ଚ ପ୍ରତାପ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଶୁଳିଆ-କଣ୍ଟିଲୋ ରାସ୍ତାର କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରି ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତ୍ୟହ ଶତାଧିକ ଯାନବାହନରେ ପର୍ଯ୍ୟଟକମାନେ ଏହି ପୀଠକୁ ଆସୁଥିବା ବେଳେ ଏପରି ଅଣଓସାରିଆ ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଥିବା ଆଲୋଚନା ହୋଇଥିଲା। ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଶୁକ୍ରବାର ବିଭାଗୀୟ ଅଧିକାରୀ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଥିବା କୁହାଯାଇଛି। ଉକ୍ତ ବୈଠକରେ ସରପଞ୍ଚଙ୍କ ସମେତ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ମହାରଣା, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ବରିଷ୍ଠ ସଦସ୍ୟ ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ରାମଚନ୍ଦ୍ର କାଣ୍ଟି, ହରିହର ଦାଶ, ରାଜକିଶୋର ସାହୁ, ପ୍ରମୋଦ କୁମାର ଦଳାଇ, ଅନନ୍ତ ଚରଣ ମହାପାତ୍ର, ଉଜ୍ଜ୍ୱଳ ମହାରଣା, ଭଗବାନ ଦାସ, ଦେବରାଜ ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

## ପୁରୀ ବିଦ୍ୟୁତ୍ ଡିଭିଜନ

**ପୁରୀ ଅଫିସ, ୧୬।୧**

ବକେୟା ବିଲ୍ ପଇଠ କରିବା ପାଇଁ ସେସୁ ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଜାନୁୟାରୀ ୧୫ ତାରିଖ ଶେଷ ସମୟ ଦିଆଯାଇଥିଲା। ହେଲେ ଏହି ସମୟ ଅବଧି ମଧ୍ୟରେ ଯେଉଁମାନେ ସେମାନଙ୍କ ବକେୟା ବିଲ୍ ପଇଠ କରିପାରି ନାହାନ୍ତି ସମ୍ପୃକ୍ତ ଉପଭୋକ୍ତାଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସେମାନଙ୍କ ବିଦ୍ୟୁତ୍ ସଂଯୋଗକୁ କାଟିଦିଆଯାଇଛି। ଗୁରୁବାର ପୁରୀ ବିଦ୍ୟୁତ୍ ଡିଭିଜନରେ ଏଥିପାଇଁ ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ପୁରୀ ବିଦ୍ୟୁତ୍ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ପୁରୀ ଡିଭିଜନ ଅଧୀନରେ ମୋଟ ୧ଲକ୍ଷ ୭୩ ହଜାର ଉପଭୋକ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୩,୫୯୮ ଉପଭୋକ୍ତା ବକେୟା ରଖିଥିବା ବେଳେ ୪୦,୨୬୮ ଜଣଙ୍କୁ ଟଙ୍କା ପଇଠ କରିବା ପାଇଁ ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପାଖାପାଖି ୨୨୦ ଜଣ ୧୦ ଲକ୍ଷ ଟଙ୍କା ପରିଶୋଧ କରିଛନ୍ତି। କିନ୍ତୁ ଅନ୍ୟମାନେ ଟଙ୍କା ପଇଠ କରିନାହାନ୍ତି। ନୋଟିସ ଅବଧି ସରିବା ପରେ ଗୁରୁବାର ପ୍ରଥମ ଦିନରେ ୧୫୧ ଉପଭୋକ୍ତାଙ୍କ ବିଦ୍ୟୁତ୍ କଟାଯାଇଛି। ଏଥିମଧ୍ୟରେ ବ୍ୟବସାୟିକ ଏବଂ ଘରୋଇ ଉପଭୋକ୍ତା ରହିଛନ୍ତି। ଏଥିପାଇଁ ୩୪ଟି ସ୍କ୍ୱାଡ୍ ଗଠନ କରାଯାଇଛି। ତେଣୁ ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନେ ତୁରନ୍ତ ବକେୟା ବିଲ୍ ପଇଠ କରିଦେଇ ବିଦ୍ୟୁତ୍ ବିଚ୍ଛିନ୍ନରୁ ମୁକ୍ତ ରୁହନ୍ତୁ ବୋଲି ନିର୍ବାହୀ ଅଧିକାରୀ ସ୍ୱାଇଁ କହିଛନ୍ତି। ପୁରୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ପ୍ରାୟ ୧୦ କୋଟିରୁ ଅଧିକ ଟଙ୍କା ବାକି ପଡ଼ିଛି। ଏ ସବୁ ପ୍ରତି ଡିଭିଜନ କଣ ଆଭିମୁଖ୍ୟ ରଖୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ।

**ଖଣ୍ଡପଡ଼ା, ୧୬।୧ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବଡବାଣପୁର ଆଶୋକା କିଙ୍ଗସ୍ ଆନୁକୂଲ୍ୟରେ କଣ୍ଟିଲୋ ପଲଟନ ପଡିଆରେ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଛି। ବଡବାଣପୁର ସରପଞ୍ଚ ପ୍ରଦୀପ କୁମାର କର ମୁଖ୍ୟଅତିଥି ଓ ନୀଳମାଧବ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୨ଟି ମ୍ୟାଚରେ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ କଣ୍ଟିଲୋ କ୍ରିକେଟ କ୍ଲବ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୬୧ ରନ ସଂଗ୍ରହ କରିଥିଲ। ଜବାବରେ ଗୁଣ୍ଡୁଣୀ କ୍ରିକେଟ ଟିମ୍ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କଟକ ଜିଲାର ପଦାମାଳ କ୍ରିକେଟ ଟିମ୍ ୫ ଉଇକେଟ ବିନିମୟରେ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ କିଶୋରପ୍ରସାଦ କ୍ରିକେଟ ଟିମ୍ ସମସ୍ତ ଉଇକେଟ ହରାଇ ୯୧ ରନ କରି ୩୫ ରନରେ ପରାଜିତ ହୋଇଥିଲା। ମ୍ୟାଚ ୧୨ ଓଭର ବିଶିଷ୍ଟ ହୋଇଥିଲା।

# ଦଶପଲ୍ଲା କପ୍ ଫୁଟ୍‌ବଲ: ବରଗଡ଼ ବିଜୟୀ

**ଦଶପଲ୍ଲା, ୧୬।୧ (ଡି.ଏନ୍.ଏ.)**

ଗାନ୍ଧୀ ମଇଦାନଠାରେ ଚାଲିଥିବା ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଖେଳ ୟୁଏସ୍‌ସି କ୍ଲବ ବରଗଡ଼ ଏବଂ ଡ. ଆମ୍ବେଦକର କ୍ଲବ ଦାମନଯୋଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ୧-୦ରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ଗଣିଆର ସାମାଜିକ କର୍ମୀ ପ୍ରଦୀପ ସାହୁ ଯୋଗ ଦେଇଥିଲେ। ଖେଳରେ ଶ୍ରେଷ୍ଠ ଦର୍ଶକ ଭାବେ ଦୁର୍ଗାବଜାର କଲୋନୀର ଗଣେଶ ଘଡ଼େଇଙ୍କୁ ଘୋଷଣା କରାଯାଇଥିଲା। ଶୁକ୍ରବାର ଖେଳ ସ୍ପୋର୍ଟସ ହଷ୍ଟେଲ କଟକ ଏବଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି।



ଖେଳର ଏକ ଦୃଶ୍ୟ।

# ଜାତୀୟ ସଡ଼କ ସୁରକ୍ଷା ଶୋଭାଯାତ୍ରା

**କୃଷ୍ଣପ୍ରସାଦ, ୧୬।୧ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଆଞ୍ଚଳିକ ପରିବହନ ବିଭାଗ ପୁରୀ ତରଫରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ମାଲୁଦଠାରୁ ବାହାରି ତିତିପ ଚାରିଛକ ଯାଏ ଯାଇଥିଲା। ପୁରୀ ଆଞ୍ଚଳିକ ପରିବହନ ନିରୀକ୍ଷକ ଶଙ୍କର ନାରାୟଣ ଚୌଧୁରୀଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା କୃଷ୍ଣପ୍ରସାଦ ବ୍ଲକ ମିନିଟ୍ରକ ସଂଘ, ଅଟୋସଂଘ, ମେ ଆଇ ହେଲ୍ପ ୟୁ ଯୁବ ସଂଗଠନ ପ୍ରଭୃତିର ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଚାରିଛକଠାରେ ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ସମିତି ସଭ୍ୟ ବିଜୟ କୁମାର ତରେଇ, ଆଞ୍ଚଳିକ ପରିବହନ ନିରୀକ୍ଷକ ମହାପାତ୍ର ଯୋଗଦେଇଥିଲେ। ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର, ଧୀରଗତିରେ ଚାଳନା, ମଦ ବ୍ୟବହାର କରି ଗାଡିଚାଳନା ନ କରିବା, ଟ୍ରାଫିକ ନିୟମକୁ ମାନି ଚଳାଇବା, ସାଥିରେ ଗାଡିର ସମସ୍ତ କାଗଜପତ୍ର ଧରି ଯାତାୟାତ କରିବା ପାଇଁ ଅତିଥିମାନେ ସଚେତନ କରାଇଥିଲେ।

# ଶ୍ରୀ ହନୁମାନ ଚାଳିଶା ମହାସାଗର, ବେଦଯଜ୍ଞ ଆରମ୍ଭ

**ଦଶପଲ୍ଲା, ୧୬।୧ (ଡି.ଏନ.ଏ.)**

ଶ୍ରୀଶ୍ରୀ ହନୁମାନ ଚାଳିଶା ମହାସାଗର ସମିତି, ଦଶପଲ୍ଲା ଆନୁକୂଲ୍ୟରେ ଶ୍ରୀ ହନୁମାନ ଚାଳିଶା ମହାସାଗର ଓ ବେଦଯଜ୍ଞ ବୁଧବାର ଠାରୁ ଆରମ୍ଭ ହୋଇଛି। ଅଙ୍କୁରାରୋପଣ କରାଯିବା ସହ ସନ୍ଧ୍ୟାରେ ସୁନ୍ଦରାକାଣ୍ଡର ପାରାୟଣ କାର୍ଯ୍ୟକ୍ରମ ପୁରୀ ଶ୍ରୀମନ୍ଦିରଠାରୁ ଆଜ୍ଞାମାଳ ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ମହାବୀର ଦେବଙ୍କ ମନ୍ଦିର ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଚାଲୁରହିବ। ବହୁ ସାଧୁସନ୍ଥ ଏଥିରେ ଯୋଗଦାନ କରୁଥିବା ଜଣାଯାଇଛି। ପ୍ରତ୍ୟହ ହୋମଯଜ୍ଞ ସହ ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିଛି। ଗୁରୁବାର ଏଥିନିମନ୍ତେ କଳସରେ ଜଳଧରି ଶ୍ରଦ୍ଧାଳୁମାନେ ଏକ ଶୋଭାଯାତ୍ରାରେ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆସିଥିଲେ।

# ହେଲ୍‌ମେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଗୋଲାପ ଦେଇ ସ୍ୱାଗତ

**ଭାପୁର, ୧୬।୧ (ଡି.ଏନ୍.ଏ.)**

ଦେଶରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଓ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏହିମାସ ୧୧ ତାରିଖରୁ ୧୭ ତାରିଖ ଯାଏ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଜନସଚେତନତା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍କାଉଟ, ଗାଇଡ଼, ରେଡକ୍ରସ ଓ ଜାତୀୟ ସେବା ସଂସ୍ଥାର ଛାତ୍ରୀଛାତ୍ରମାନେ। ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାମନ୍ତରାୟ, ପ୍ରାଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର, ରେଡକ୍ରସ କାଉନ୍‌ସିଲର ଅଧ୍ୟାପକ ଫକୀର ମୋହନ ସ୍ୱାଇଁ, ମହିଳା ଅଧିକାରୀ ପୂର୍ଣ୍ଣିମା ଷଡ଼ଙ୍ଗୀ ଓ କାର୍ଯ୍ୟକାରିଣୀ ଅଧିକାରିଣୀ କୃଷ୍ଣପ୍ରିୟା ମହାନ୍ତି ଏବଂ ଅଧ୍ୟାପକ ବିନୟ କୁମାର ସାହୁ ଏଥିରେ ଯୋଗଦେଇ ପରିଚାଳନା ଓ ସହଯୋଗ କରିଥିଲେ। ଭାପୁର ବଜାରରେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ହେଲମେଟ ପିନ୍ଧିଥିବା ଗାଡ଼ିଚାଳକଙ୍କୁ ଛାତ୍ରୀମାନେ ଗୋଲାପ ଫୁଲ ଦେଇ ସାଧୁବାଦ ଜଣାଇଥିଲେ। ଭାପୁର ବିଟ୍ ହାଉସର ଇନ୍‌ଚାର୍ଜ ଏସ୍‌ଆଇ ସଚ୍ଚିଦାନନ୍ଦ ସାମନ୍ତରାୟ ଓ ଅନ୍ୟ ପୋଲିସ ଅଧିକାରୀ ସହଯୋଗ କରିଥିଲେ।




ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ପାଣି ପଞ୍ଚାୟତ ପକ୍ଷ ପାଳନ: ସଫଳ ଚାଷୀ ସମ୍ବର୍ଦ୍ଧିତ

**ଓଡ଼ଗାଁ, ୧୬।୧ (ସ୍ୱ.ପ୍ର.)**

ନୟାଗଡ ଜଳସେଚନ ବିଭାଜନ ଆନୁକୂଲ୍ୟରେ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବୁଢାବୁଢିଆଣୀ ବନ୍ଧଠାରେ ଗୁରୁବାର ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ୧୬ ତାରିଖଠାରୁ ଜାନୁୟାରୀ ୩୦ ପର୍ଯ୍ୟନ୍ତ କୃଷି ଏବଂ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷା ମମତା ବେହେରା ମୁଖ୍ୟ ଅତିଥି, ବିଡିଓ ସ୍ୱାତୀଲେଖା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବୁଢାବୁଢିଆଣୀ ପ୍ରକଳ୍ପ ଡେପୁଟି ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ନୟାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀନବନ୍ଧୁ ରାଉତ, କୁଆଁରିଆ ଡ୍ୟାମ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ଓ ବୁଢାବୁଢିଆଣୀ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି (ଆପେକ୍ସ ଅଧ୍ୟକ୍ଷ) ସୁଧାଂଶୁ ଶେଖର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବୁଢାବୁଢିଆଣୀ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ସମାଜସେବୀ ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ସୁପୁତ୍ରୀ ମମତା ମହାପାତ୍ରଙ୍କୁ ଉପଢୌକନ ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଶୀର୍ଷ କମିଟି ଅନ୍ତର୍ଭୁକ୍ତ ୯ ପାଣି ପଞ୍ଚାୟତର ସଫଳ ଚାଷୀ ପ୍ରଦୀପ ପରିଡା, ସଞ୍ଜୟ କୁମାର ପାଳ, ଯୋଗେନ୍ଦ୍ର ବେହେରା, ଭଗବାନ ବିଷୋୟୀ, ପ୍ରଫୁଲ୍ଲ ପାଳ, ପବିତ୍ର କୁମାର ବରାଡ ଓ କିଶୋର ଚନ୍ଦ୍ର ବରାଡଙ୍କ ସମେତ ସମସ୍ତ ପାଣି ପଞ୍ଚାୟତ ସଭାପତିଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପାଣି ପଞ୍ଚାୟତ ଶୀର୍ଷକ ବ୍ଲକ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ରାଧାକାନ୍ତ ବାଳିକା ହାଇସ୍କୁଲ ଛାତ୍ରୀ ଅଙ୍କିତା ନାୟକଙ୍କୁ ପ୍ରଥମ ପୁରସ୍କାର ବାବଦ ୨ ହଜାର ଟଙ୍କା ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସମବେତ ଚାଷୀଙ୍କ ମଧ୍ୟରୁ କେତେକ ଚାଷୀ ସେମାନଙ୍କ ଜମିକୁ ଜଳସେଚନ ସମୟରେ ପାଣି ଯୋଗାଣରେ ହେଉଥିବା ଅସୁବିଧା ସମ୍ପର୍କରେ କହିଥିଲେ। ଅଭାବୀ ଧାନ ବିକ୍ରି, ସାର ମୂଲ୍ୟ ବୃଦ୍ଧି ଓ କଳା ବଜାର ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହିତ କ୍ଷୋଭପ୍ରକାଶ କରିଥିଲେ। ଏନେଇ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ନିବେଦନ କରିଥିଲେ। ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଷଡଙ୍ଗୀ ପାଣି ପଞ୍ଚାୟତ କମିଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ କେନାଲ ଛକଠାରୁ ବୁଢାବୁଢିଆଣୀ ଡ୍ୟାମକୁ ସଂଯୋଗ କରୁଥିବା ସାଢେ ଛଅ କି.ମି. ରାସ୍ତାର ଦୁରବସ୍ଥା ଓ ଦଶ ବର୍ଷ ପୂର୍ବେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଆରେଡା ଛକରେ ନିର୍ମାଣ କରାଯାଇଥିବା ପାଣି ପଞ୍ଚାୟତ ଶୀର୍ଷ କମିଟି ଗୃହ ଅଦରକାରୀ ହୋଇ ରହିଥିବା ସମ୍ପର୍କରେ ଆମ ପ୍ରତିନିଧି ନିର୍ବାହୀ ଯନ୍ତ୍ରୀ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପ୍ରିଲ ମାସ ଶେଷ ସୁଦ୍ଧା ରାସ୍ତା କାମ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଟେଣ୍ଡର ପ୍ରକ୍ରିୟା ହେବାକୁ ଥିବାବେଳେ ଶୀର୍ଷ କମିଟି ଗୃହକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ବୁଢାବୁଢିଆଣୀ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କ କନ୍ୟା ମମତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।